# ଡିସେମ୍ବର ୨୦ରୁ ଗଞ୍ଜାମ ଜିଲ୍ଲାରେ ଧାନକିଣା

## ସମୀକ୍ଷା ବୈଠକ

- ୨ ଲକ୍ଷ ଚାଷୀ ପଞ୍ଜୀକରଣ ଲକ୍ଷ୍ୟ
- ଖିଲାପ କଲେ କାର୍ଯ୍ୟାନୁଷ୍ଠାନ: ଜିଲାପାଳ

ଛତ୍ରପୁର,୪।୧୦(ଡି.ଏନ.ଏ)

ଗଞ୍ଜାମ ଜିଲାରେ ଚାଷୀ ପଞ୍ଜୀକରଣ ଓ ଧାନ ସଂଗ୍ରହ ସମୀକ୍ଷା ବୈଠକ ଗୁରୁବାର ଛତ୍ରପୁରସ୍ଥିତ ଡିଆରଡିଏ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଯାଇଛି। ଜିଲାରେ ଡିସେମ୍ବର ୨୦ ତାରିଖରୁ ଧାନ ସଂଗ୍ରହ ପାଇଁ ଦିନ ଧାର୍ଯ୍ୟ କରାଯାଇଛି। ତାହା ପୂର୍ବରୁ ଆନୁସଙ୍ଗିକ କାର୍ଯ୍ୟ ଶେଷ କରିବା ପାଇଁ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ନିର୍ଦ୍ଦେଶ ଦେଇଛନ୍ତି। ଚାଷୀ ପଞ୍ଜୀକରଣ ଧାର୍ଯ୍ୟ ଲକ୍ଷ୍ୟ ପୂରଣ ପାଇଁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ଦୈନିକ କେତେ ଚାଷୀ ପଞ୍ଜୀକୃତ ହେଲେ ସନ୍ଧ୍ୟାରେ ସେବା ସମବାୟ ସମିତି ଦ୍ୱାରା ଜିଲାପାଳଙ୍କୁ ରିପୋର୍ଟ ପ୍ରଦାନ କରାଯିବ। ଯେଉଁ ସମବାୟ ସମିତି ଏଥିରେ ଅବହେଳା କରିବେ କିମ୍ବା ପ୍ରଦର୍ଶନ ଆଶାଜନକ ନ ହେବ ସମ୍ପୃକ୍ତ ସମ୍ପାଦକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଚଳିତ ବର୍ଷ ୩୯୦ ପ୍ରାଥମିକ ସମବାୟ ସମିତି ଏବଂ ଗୋଟିଏ ପାଣି ପଞ୍ଚାୟତ ଗଞ୍ଜାମରେ ଜିଲାରେ ଧାନ ସଂଗ୍ରହ କରିବେ। ଚାଷୀ ପଞ୍ଜୀକରଣ ପାଇଁ ରାଜ୍ୟ ସରକାର ଆସନ୍ତା ୧୫ ତାରିଖ ଶେଷ ଦିବସ ଧାର୍ଯ୍ୟ କରିଛନ୍ତି। ଗତ ବର୍ଷର ଚାଷୀଙ୍କ ସହ ନୂଆ ଚାଷୀଙ୍କୁ ପଞ୍ଜୀକରଣ କରାଯିବ। ବର୍ତ୍ତମାନ ସୁଦ୍ଧା ୯୩ ହଜାର ଚାଷୀ ପଞ୍ଜୀକୃତ ହୋଇଛନ୍ତି। ଜିଲାରେ ୨ ଲକ୍ଷ ଚାଷୀ ପଞ୍ଜୀକରଣ ପାଇଁ ଜିଲାପାଳ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ଚାଷୀଙ୍କୁ ସଚେତନ ପାଇଁ ପ୍ରତି ଗାଁରେ ମାଇକ୍ ପ୍ରଚାର କରାଯିବ ଓ ପ୍ରତ୍ୟେକ ପ୍ରାଥମିକ ସୋସାଇଟିରେ ବ୍ୟାନର ଲଗାଯିବ। ଆର୍‌ଏମ୍‌ସି ପ୍ରଚାରରେ ମୁଖ୍ୟ ଦାୟିତ୍ୱ ନେବ। ଉପଜିଲାପାଳ ଏହାକୁ ଅନୁଧ୍ୟାନ କରିବେ। ଚାଷୀଙ୍କ ଜମିର ପ୍ଲଟ ନମ୍ବର ପଞ୍ଜୀକରଣରେ ରହିବ। ଭାଗ ଚାଷୀମାନେ ଚାଷ କରୁଥିବା ଜମି ସମ୍ପର୍କରେ ନିଜସ୍ୱ ଘୋଷଣାନାମା ଦେବେ ଏବଂ ଏହାକୁ ରାଜସ୍ୱ ନିରୀକ୍ଷକମାନେ ଅନୁଧ୍ୟାନ କରିବେ। ସମବାୟ ସମିତି ସମ୍ପାଦକଙ୍କ ସହ ଗ୍ରାମସେବକ ଏବଂ ଯୋଗାଣ ସହାୟକ ମଧ୍ୟ ଚାଷୀଙ୍କୁ ପଞ୍ଜୀକରଣ ପାଇଁ ପ୍ରବର୍ତ୍ତାଇବେ। ଜିଲାର ଉପାନ୍ତ ଅଞ୍ଚଳରେ ଜନଜାତି ଲୋକ ମାନେ ବସବାସ କରୁଥିବାରୁ ଏବଂ ସେମାନେ ଜଙ୍ଗଲ ଜମିରେ ଚାଷ କରୁଥିବାରୁ ସ୍ଥାନୀୟ ରାଜସ୍ୱ ନିରୀକ୍ଷକଙ୍କ ପ୍ରମାଣପତ୍ର ଦେଲେ ସେମାନଙ୍କର ଚାଷୀ ପଞ୍ଜୀକରଣ ହେବ। ଏଥିପାଇଁ ଜିଲାପାଳ ନିର୍ଦ୍ଦେଶନାମା ଜାରି କରିବେ। ଯେଉଁ ସମବାୟ ସମିତିର ଗୋଦାମ ଗୃହ ନାହିଁ ସେମାନେ ପିଣ୍ଡି କରି ଧାନ ମହଜୁଦ ରଖିବେ। ପ୍ରତ୍ୟେକ ଚାଷୀଙ୍କୁ ପ୍ରଧାନମନ୍ତ୍ରୀ ଫସଲ ବୀମା ସମ୍ପର୍କରେ ଅବଗତ କରାଯିବ। ବୈଠକରେ ଛତ୍ରପୁର ଉପଜିଲାପାଳ ଦେବବ୍ରତ ସାହୁଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

### ଶିକ୍ଷକ କଲ୍ୟାଣ ମହାସଂଘ ବୈଠକ

# କୃମିନାଶକ ଔଷଧ ବଣ୍ଟନ ନ କରିବାକୁ ନିଷ୍ପତ୍ତି

ଦାରିଙ୍ଗବାଡ଼ି,୪।୧୦(ଡି.ଏନ.ଏ):

ଦାରିଙ୍ଗବାଡ଼ି ବ୍ଲକ ଅଞ୍ଚଳରେ ଶିକ୍ଷକମାନେ କୃମି ନାଶକ ଔଷଧ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ ବଣ୍ଟନ କରିବେନି ବୋଲି ନିଷ୍ପତ୍ତି ନେଇଛନ୍ତି। ଗୁରୁବାର ବ୍ଲକର ଶିକ୍ଷକ କଲ୍ୟାଣ ମହାସଂଘର କର୍ମକର୍ତ୍ତାମାନେ ଏକ ବୈଠକ କରି ଏହି ନିଷ୍ପତ୍ତି ନେଇଥିବା ସମ୍ପର୍କରେ ଖବରଦାତା ସମ୍ମିଳନୀରେ କହିଛନ୍ତି। ଶିକ୍ଷକମାନେ କେବଳ ସରକାରଙ୍କ ସାମ୍ବିଧାନିକ କାର୍ଯ୍ୟ ଯଥା ଭୋଟର ତାଲିକା ପ୍ରସ୍ତୁତି, ଭୋଟ ସମୟରେ ଏବଂ ପ୍ରାକୃତିକ ବିପର୍ଯ୍ୟୟ ବେଳେ ସରକାରଙ୍କୁ ସହଯୋଗ କରିବେ। ଏହାଛଡ଼ା ଅନ୍ୟ ଯେଉଁ କାର୍ଯ୍ୟ ଦିଆଗଲେ ସେଥିରୁ ଶିକ୍ଷକ ମହାସଂଘ ନିବୃତ ରହିବ ବୋଲି ନିଷ୍ପତି ନେଇଛି। ବିଦ୍ୟାଳୟରେ ଆଶାକର୍ମୀ ଏବଂ ଏଏନ୍‌ଏମ୍‌ମାନେ ଉପସ୍ଥିତ ରହି ଔଷଧ ବାଣ୍ଟିଲେ କେବଳ ସହଯୋଗ କରିବେ ପିଲାଙ୍କୁ ବଟିକା ଖୁଆଇବେ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି। ବଲାଙ୍ଗୀର ଜିଲା ସଇଁତଲା ବ୍ଲକର ଏକ ସ୍କୁଲରେ ଜଣେ ଶିକ୍ଷକ ପିଲାଙ୍କୁ କୃମି ନାଶକ ଔଷଧ ଦେବାର କିଛି ସମୟ ପରେ ସେମାନେ ଅସୁସ୍ଥ ହୋଇପଡ଼ିଥିଲେ। ସମ୍ପୃକ୍ତ ଶିକ୍ଷକ ଗ୍ରାମବାସୀଙ୍କ ଆକ୍ରୋଶର ଶୀକାର ହୋଇଥିଲେ। ତାଙ୍କୁ ଆକ୍ରମଣ କରାଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଚିକିତ୍ସା ପାଇଁ ନେବା ବେଳେ ମୃତ୍ୟୁ ଘଟିଥିଲା। ଏହାକୁ ଶିକ୍ଷକ କଲ୍ୟାଣ ମହାସଂଘର ସଭାପତି ଯାମିନୀକାନ୍ତ ପତ୍ରା, ସାଧାରଣ ସମ୍ପାଦକ ବିଦେଶୀ ନାୟକ ପ୍ରମୁଖ ନିନ୍ଦା କରିବା ସହ ପ୍ରତିବାଦ କରଛନ୍ତି। ଏହି ଘଟଣାର ଉଚ୍ଚ ସ୍ତରୀୟ ତଦନ୍ତ କରିବା ସହ ଦୋଷୀଙ୍କୁ ଦଣ୍ଡ ଦେବାକୁ ମହାସଂଘ ଦାବି କରିଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଉପସଭାନେତ୍ରୀ ସାରାବତୀ ପ୍ରଧାନ, ଉପସଭାପତି ସଞ୍ଜୀବ ସିଂ, କୋଷାଧ୍ୟକ୍ଷ ମୋହନ କୁମାର ସାହୁ, ଉପଦେଷ୍ଟା କମିଟିର ରମାକାନ୍ତ ସିଂ, ସୁଶିଳ ନାୟକ, ରୋହିତ ପ୍ରଧାନ, ପ୍ରମୋଦ ସାହୁ, ହରିହର ସାହୁ, ଶାନ୍ତିନୀ ନାୟକ, ସୁକାନ୍ତ ପ୍ରଧାନ, ଅର୍ଜୁନ ପ୍ରଧାନ, ବିଜୟଲକ୍ଷ୍ମୀ ସେଠ, ଶଶିକାନ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

CLASSIFIED DISPLAY




RAJYA GHAROI BIDYALAYA SIKHYAK O KATRUPAKHYA MAHASANGHA, ODISHA

ରାଜ୍ୟର ସମସ୍ତ ବେସରକାରୀ ବିଦ୍ୟାଳୟ କର୍ତ୍ତୃପକ୍ଷମାନଙ୍କୁ ଜଣାଇ ଦିଆଯାଉଅଛି କି, ସରକାର ମହାସଂଘକୁ ପଞ୍ଜୀକୃତ କରାଇ ଆମ୍ଭମାନଙ୍କୁ ସଂଗଠିତ ହେବାକୁ ସୁଯୋଗ ପ୍ରଦାନ କରିଅଛନ୍ତି। ସମସ୍ୟା ସମାଧାନ ସହିତ ବିଦ୍ୟାଳୟ ସୁରକ୍ଷା ନିମନ୍ତେ ଉକ୍ତ ମହାସଂଘ ଅତୀତରେ ସରକାରଙ୍କ ନିକଟରେ ଦାବି ଜଣାଇ ଅନେକ ସଫଳତା ମଧ୍ୟ ପାଇଛି। ସାଙ୍ଗଠନିକ ଶକ୍ତି ବୃଦ୍ଧି ଓ ଆଗକୁ ବିଭିନ୍ନ ପଦକ୍ଷେପ ନେବା ଯୋଜନାରେ ଆସନ୍ତା ୦୭।୧୦।୨୦୧୮ ରିଖ ରବିବାର ସକାଳ ୧୦ ଘଟିକା ସମୟରେ କଟକସ୍ଥିତ ଗାନ୍ଧୀ ଭବନ (ସନ୍‌ସାଇନ୍ ପଡ଼ିଆପାଖ) ପରିସରରେ ମହାସଂଘର ଏକ ସାଧାରଣ ଅଧିବେଶନ ଅନୁଷ୍ଠିତ ହେବ। ଏଥିରେ ଯୋଗଦେବାକୁ ନିବେଦନ।
ଯୋଗାଯୋଗ: ୯୮୬୧୧୬୯୯୬୭, ୯୪୩୭୫୧୫୯୨୩, ୮୦୯୩୫୬୬୬୩୪, ୯୦୯୦୬୮୪୯୬୪
ସ୍ୱା/- (ରଘୁନାଥ ସାହୁ), ସଭାପତି















## ସଂକ୍ଷେପରେ

### ସେକ୍ସ ର୍ୟାକେଟ୍ ଠାବ ମାମଲା
### ୨ ଗଲେ ଜେଲ: ନାବାଳିକାଙ୍କୁ ପଠାଗଲା ସ୍ୱଧାର ଗୃହ

**ବ୍ରହ୍ମପୁର ଅଫିସ,୪।୧୦:** ବ୍ରହ୍ମପୁର ଟାଉନ ଥାନା ଅଧୀନ ନୀଳାଦ୍ରି ବିହାର ଅଞ୍ଚଳରୁ ବୁଧବାର ସେକ୍ସ ର୍ୟାକେଟ୍ ଠାବ ଘଟଣାରେ ପୋଲିସ ଘର ମାଲିକାଣୀ ଏବଂ ଗ୍ରାହକ ଭାବେ ଆସିଥିବା ବିହାର ରାଜ୍ୟର ସୁମନ କୁମାର ସୌରଭଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି । ସେହିପରି ଚଢ଼ାଉ ବେଳେ ଉଦ୍ଧାର କରାଯାଇଥିବା ଦୁଇ ଦେହଜୀବୀଙ୍କ ମଧ୍ୟରୁ ଜଣେ ନାବାଳିକା ଥିବା ଜଣାପଡ଼ିଛି । ତାଙ୍କୁ ସ୍ୱଧାର ଗୃହକୁ ପଠାଯାଇଛି। ଏନେଇ ନଂ.୨୦୪/୧୮ରେ ଏକ ମାମଲା ରୁଜୁ ହୋଇଥିବା ଆଇଆଇସି ଜଣାଇଛନ୍ତି ।

### କୋର୍ଟରେ ହାଜର ହେଲେ ପୂର୍ବତନ ମେୟର ପିଣ୍ଟୁ
### ଜମି ହଡ଼ପ ମାମଲା, ୧୦ରେ ଚୂଡ଼ାନ୍ତ ରାୟ

**ବ୍ରହ୍ମପୁର ଅଫିସ,୪।୧୦:** ବିଏମ୍‌ସିର ପୂର୍ବତନ ମେୟର ଶିବ ଶଙ୍କର ଦାସ ଓରଫ ପିଣ୍ଟୁଙ୍କୁ ଗୁରୁବାର କେନ୍ଦ୍ରୀୟ ଜେଲରୁ କଡା ସୁରକ୍ଷାରେ ଅଣାଯାଇ ଏଡିଜେ-୩ଙ୍କ କୋର୍ଟରେ ହାଜର କରାଯାଇଥିଲା । ଏକ ଜମି ହଡ଼ପ ମାମଲାରୁ ବାଦ୍ ଦେବା ପାଇଁ ଦାଏର ହୋଇଥିବା ଡିସ୍‌ଚାର୍ଜ ପିଟିସନ୍‌ର ଶୁଣାଣି ପାଇଁ ଗୁରୁବାର ଧାର୍ଯ୍ୟ ହୋଇଥିଲା । ସେନେଇ ପିଣ୍ଟୁଙ୍କ ସମେତ ୧୦ ଅଭିଯୁକ୍ତଙ୍କୁ କୋର୍ଟରେ ହାଜର କରାଯାଇଥିଲା । ଆସନ୍ତା ୧୦ ତାରିଖରେ ଏହି ପିଟିସନର ରାୟ ପ୍ରକାଶ ପାଇବ ବୋଲି ଜଣାପଡିଛି । ପ୍ରକାଶଯେ, ପିଣ୍ଟୁ ମେୟର ଥିବା ସମୟରେ ଗୋଲନ୍ଥରା ଥାନା ଇଲାକାର ଜଣେ ଦଳିତଙ୍କୁ ଧମକ ଦେଇ ଜାଲ କାଗଜପତ୍ର ଜରିଆରେ ପ୍ରାୟ ୨ ଏକର ଜମି ହଡପ କରିଥିବା ନେଇ ଅଭିଯୋଗ ହୋଇଥିଲା । ଉକ୍ତ ଘଟଣାରେ ୨୦୧୭ ଡିସେମ୍ବରରେ ୧୦ ଜଣଙ୍କ ନାଁରେ ମାମଲା ରୁଜୁ ହୋଇଥିଲା । ପିଣ୍ଟୁ ଏହି ମାମଲାରେ ଜାନୁୟାରୀ ମାସରେ ଗିରଫ ହୋଇ ଜେଲରେ ବିଚାରାଧୀନ କଏଦୀ ଭାବେ ଅଛନ୍ତି । ପୂର୍ବରୁ ଜିଲା ଜଜ୍ କୋର୍ଟରେ ଏହି ମାମଲାରେ ତାଙ୍କର ଜାମିନ ଖାରଜ ହୋଇଥିବା ବେଳେ ପିଣ୍ଟୁଙ୍କ ସମେତ ଅନ୍ୟମାନଙ୍କ ଓକିଲ ଅଭିଯୁକ୍ତଙ୍କ ପକ୍ଷରୁ କୋର୍ଟରେ ଡିସଚାର୍ଜ ପିଟିଶନ୍ ପକାଇଥିଲେ। ଉକ୍ତ ମାମଲାରେ ପିଣ୍ଟୁ ଏବଂ ଅନ୍ୟମାନଙ୍କ କୌଣସି ସମ୍ପୃକ୍ତି ନ ଥିବା ଦର୍ଶାଇ ସମସ୍ତଙ୍କୁ ବାଦ୍ ଦିଆଯାଉ ବୋଲି ଅନୁରୋଧ କରିଥିଲେ ।
କୋର୍ଟରେ ପର୍ଯ୍ୟାୟ କ୍ରମେ ୭ ଦିନ ଧରି ୧୦ ଅଭିଯୁକ୍ତଙ୍କ ବୟାନ ରେକର୍ଡ କରାଯିବା ପରେ ଗୁରୁବାର କ୍ୟାଡର ପିପି ଅଜିତ କୁମାର ପଟ୍ଟନାୟକ ନିଜର ଯୁକ୍ତି ଉପସ୍ଥାପନ କରିଥିଲେ । କୋର୍ଟ ଉଭୟ ପକ୍ଷର ଯୁକ୍ତି ଶୁଣିବା ପରେ ଆସନ୍ତା ୧୦ ତାରିଖରେ ଚୂଡ଼ାନ୍ତ ରାୟ ପ୍ରକାଶ କରିବା ପାଇଁ ଧାର୍ଯ୍ୟ କରିଥିଲେ ।

# ଛାତ୍ର ସଂସଦ ନିର୍ବାଚନ: ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ

ବ୍ରହ୍ମପୁର ଅଫିସ୍,୪।୧୦
ଛାତ୍ର ସଂସଦ ନିର୍ବାଚନ ପାଇଁ ଗୁରୁବାର ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇଛି । ଅପରାହ୍ନ ୨ରୁ ୪ଟା ପର୍ଯ୍ୟନ୍ତ ପ୍ରାର୍ଥୀପତ୍ର ପ୍ରତ୍ୟାହାର ପାଇଁ ସମୟ ଧାର୍ଯ୍ୟ ହୋଇଥିଲା । ପରେ ଅପରାହ୍ନ ୫ଟାରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇଛି। ଶୁକ୍ରବାରରୁ ପ୍ରଚାର ଆହୁରି ବ୍ୟାପକ ହେବା ଆଶା କରାଯାଉଛି । ଅନ୍ୟପଟେ ଗୁରୁବାର ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ସମୟରେ ବିନାୟକ ଆଚାର୍ଯ୍ୟ ମହାବିଦ୍ୟାଳୟରେ କେତେକ ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର ନାକଚ ହେବାକୁ ନେଇ ଉତ୍ତେଜନା ଦେଖାଦେଇଥିଲା ।

### ଖଲ୍ଲିକୋଟ ସ୍ୱୟଂଶାସିତ ମହାବିଦ୍ୟାଳୟ

ସଭାପତି ପଦ ପାଇଁ ୪ଜଣ ମଇଦାନରେ ରହିଛନ୍ତି। ସେମାନେ ହେଲେ ସ୍ନାତକୋତ୍ତର ଅର୍ଥନୀତି ବିଭାଗ ଦ୍ୱିତୀୟ ବର୍ଷର ଛାତ୍ର ବିକାଶ କୁମାର ଭୂୟାଁ, ଯୁକ୍ତ ୩ କଳା ତୃତୀୟ ବର୍ଷ ଛାତ୍ର ଜିଲୁ ବୀର, ଦ୍ୱିତୀୟ ବର୍ଷ ଛାତ୍ର କେ. ସାଇ କୁମାର ଏବଂ ତୃତୀୟ ବର୍ଷ ବିଜ୍ଞାନ ଛାତ୍ର ରାହୁଲ କୁମାର ସାହୁ । ସମ୍ପାଦକ ପଦବୀ ପାଇଁ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେବ । ପ୍ରାର୍ଥୀ ଭାବେ ରହିଛନ୍ତି,ସ୍ନାତକୋତ୍ତର କମ୍ପ୍ୟୁଟର୍ ବିଭାଗ ଦ୍ୱିତୀୟ ବର୍ଷର ଛାତ୍ର ଆଦିତ୍ୟ କୁମାର ପ୍ରସାଦ ମିଶ୍ର ଏବଂ ଜଗ୍‌ଜିତ ପଦ୍ମା। ତୃତୀୟ ପ୍ରାର୍ଥୀ ଭାବେ ନିର୍ବାଚନ ଲଢୁଛନ୍ତି ଯୁକ୍ତ ୩ ବାଣିଜ୍ୟ ତୃତୀୟ ବର୍ଷର ଛାତ୍ର ସୀମାଞ୍ଚଳ ଆଚାର୍ଯ୍ୟ । ଉପସଭାପତି ପଦବୀ ପାଇଁ ଦ୍ୱିମୁଖୀ ଲଢ଼େଇ ହେଉଛି । ଯୁକ୍ତ ୩ ବାଣିଜ୍ୟ ଦ୍ୱିତୀୟ ବର୍ଷର ଛାତ୍ର ସରୋଜ କୁମାର ସାବତ ଏବଂ କଳା ଦ୍ୱିତୀୟ ବର୍ଷ ଛାତ୍ର ଶୁଭେନ୍ଦୁ ଶୋଭାସୁନ୍ଦର । ସହ ସମ୍ପାଦକ ପଦବୀ ପାଇଁ ୨ଜଣ ନାମାଙ୍କନ ପତ୍ର ଦାଖଲ କରିଥିବା ବେଳେ ଉଭୟଙ୍କର ନାକଚ୍ ହୋଇଯାଇଛି । ନାଟ୍ୟ ସଂସଦ ସମ୍ପାଦକ ପଦବୀ ପାଇଁ ଆଶୁତୋଷ କୁମାର ସାହୁ ଏବଂ ପିଣ୍ଟୁ ବେହେରା ପ୍ରାର୍ଥୀ ହୋଇଛନ୍ତି । ଶାରୀରିକ ଶିକ୍ଷା ସଂସଦ ସମ୍ପାଦକ ପଦବୀ ପାଇଁ ଆପାୟା ରାଇତୋ, ଏସ୍. ହେମନ୍ତ କୁମାର ଏବଂ ସୁରଜ କୁମାର ରଥ ପ୍ରାର୍ଥୀ ହୋଇଛନ୍ତି। ବାଣିଜ୍ୟ ସମାଜ ସମ୍ପାଦକ ପାଇଁ ଏ.ବାଲାକ୍ରିଷ୍ଣା ରେଡ୍ଡୀ ଏବଂ ସୂର୍ଯ୍ୟନାରାୟଣ ସାହୁ ନିର୍ବାଚନ ଲଢୁଛନ୍ତି । ଓଡ଼ିଆ ସାହିତ୍ୟ ସମାଜ ସମ୍ପାଦକ ପାଇଁ ସୀମା କିଶୋରୀ ରଉତ, ହିନ୍ଦୀ ସାହିତ୍ୟ ପରିଷଦ ସମ୍ପାଦକ ପାଇଁ ସୁନିଲ କୁମାର ଦାସ, ବାଣିଜ୍ୟ ସମାଜ ସହ ସମ୍ପାଦକ ପାଇଁ ପି.ଶିବ ପ୍ରସାଦ ପାତ୍ର, ବିଜ୍ଞାନ ସମାଜ ସମ୍ପାଦକ ପାଇଁ କେ.ସୁଦର୍ଶନ ପାତ୍ର, ବିଜ୍ଞାନ ସମାଜ ଶ୍ରେଣୀ ପ୍ରତିନିଧି ପାଇଁ ଶୁଭକାନ୍ତ ପଣ୍ଡା, ବଏଜ୍ କମନ୍‌ରୁମ୍ ସମ୍ପାଦକ ପାଇଁ ଏ.ଅବିନାଶ ପାତ୍ର ଏବଂ ଲେଡିଜ୍ କମନ୍‌ରୁମ୍ ସମ୍ପାଦକ ପାଇଁ ଶୁଭସ୍ମିତା ମାଝି ଏକ ମାତ୍ର ପ୍ରାର୍ଥୀ ଥିବା ଯୋଗୁ ଅପ୍ରତିଦ୍ୱନ୍ଦ୍ୱୀ ଭାବେ ବିଜୟୀ ଘୋଷଣା କରାଯାଇଛି ।



ଖଲ୍ଲିକୋଟ ସ୍ୱୟଂଶାସିତ ମହାବିଦ୍ୟାଳୟର କ୍ୟାମ୍ପସ ଛାତ୍ର ସଂସଦ ନିର୍ବାଚନ ପାଇଁ ଚଳଚଞ୍ଚଳ ।

### ଶଶିଭୂଷଣ ରଥ ସରକାରୀ ସ୍ୱୟଂଶାସିତ ମହିଳା ମହାବିଦ୍ୟାଳୟ

ଏହି ମହାବିଦ୍ୟାଳୟରେ ସଭାପତି ପଦବୀ ପାଇଁ ତ୍ରିମୁଖୀ ଲଢ଼େଇ ହେବ । ଉକ୍ତ ପଦବୀ ପାଇଁ ଯୁକ୍ତ ୩ ବାଣିଜ୍ୟ ତୃତୀୟ ବର୍ଷର ଐଶ୍ୱର୍ଯ୍ୟା ସାବତ, କଳା ଦ୍ୱିତୀୟ ବର୍ଷର ଜ୍ଞାନମଞ୍ଜରୀ ମିଶ୍ର ଏବଂ ନେହା ବେଗମ୍ ପ୍ରାର୍ଥୀ ହୋଇଛନ୍ତି । ସମ୍ପାଦକ ପଦବୀ ପାଇଁ ଦ୍ୱିମୁଖୀ ଲଢ଼େଇ ହେଉଛି । ଅର୍ଚ୍ଚନା ମହାପାତ୍ର ଏବଂ ଲିପ୍‌ସା ରାଣୀ ପଟ୍ଟନାୟକ ପ୍ରାର୍ଥୀ ହୋଇଛନ୍ତି । ଉପସଭାପତି ପଦବୀ ପାଇଁ ପ୍ରିୟଙ୍କା ତିଆଡ଼ି, ପୂରଭିତା ପଣ୍ଡା ଏବଂ ସୁନିତା ସାହୁ ପ୍ରାର୍ଥୀ ହୋଇଛନ୍ତି । ଶ୍ରେଣୀ ପ୍ରତିନିଧି ଭାବେ ସାଲିନି ନାୟକ ଏକ ମାତ୍ର ପ୍ରାର୍ଥୀ ହୋଇଥିବା ଯୋଗୁ ଅପ୍ରତିଦ୍ୱନ୍ଦ୍ୱୀ ଭାବେ ବିଜୟୀ ଘୋଷଣା କରାଯାଇଛି ।

### ବିନାୟକ ଆଚାର୍ଯ୍ୟ ମହାବିଦ୍ୟାଳୟ

ଏହି କଲେଜରେ ସଭାପତି ପଦବୀ ପାଇଁ ତ୍ରିମୁଖୀ ଲଢ଼େଇ ହେଉଛି । ବାଣିଜ୍ୟ ଦ୍ୱିତୀୟ ବର୍ଷର ଛାତ୍ର ଅଜୟ କୁମାର ମହାରଣା, କଳା ତୃତୀୟ ବର୍ଷର ଛାତ୍ର ଇତିଶ୍ରୀ ସାହୁ ଏବଂ ଯୋଗୀନ୍ଦ୍ର ରାଉତ ପ୍ରାର୍ଥୀ ହୋଇଛନ୍ତି । ଜଣେ ପ୍ରାର୍ଥୀଙ୍କ ନାମାଙ୍କନପତ୍ର ନାକଚ ହୋଇଯାଇଛି । ସମ୍ପାଦକ ପଦବୀରେ ଦ୍ୱିମୁଖୀ ଲଢ଼େଇ ହେବ । ଯୁକ୍ତ ୩ ଦ୍ୱିତୀୟ ବର୍ଷ ବିଜ୍ଞାନ ବିଭାଗ ଛାତ୍ରୀ ସୁଦୀପ୍ତା ପଟ୍ଟନାୟକ ଏବଂ ବିଜ୍ଞାନ ତୃତୀୟ ବର୍ଷର ଛାତ୍ର ସୁରଜ କୁମାର ପଣ୍ଡା । ଉପସଭାପତି ପଦବୀ ପାଇଁ ଅରୁଣ କୁମାର ବେହେରା ଏବଂ ସନ୍ଦୀପ ଶତ୍ରୁଶଲ୍ୟ ପ୍ରାର୍ଥୀ ହୋଇଛନ୍ତି । ସେହିଭଳି ସହସମ୍ପାଦକ ପଦବୀରେ ଚନ୍ଦନ ଚୌଧୁରୀ ଏବଂ ଟିକୁନ୍ ଚୌଧୁରୀ ପ୍ରାର୍ଥୀ ହୋଇଛନ୍ତି । କ୍ରୀଡ଼ା ସଂସଦ ସମ୍ପାଦକ ପଦବୀ ପାଇଁ ଯଶୋବନ୍ତ ମହାନ୍ତି, ରାଜେନ୍ଦ୍ର ବାଡ଼ତ୍ୟା ଏବଂ ସୌମ୍ୟରଞ୍ଜନ ସାହୁ ପ୍ରାର୍ଥୀ ହୋଇଛନ୍ତି । ନାଟ୍ୟ ସଂସଦ ସମ୍ପାଦକ ପଦବୀ ପାଇଁ ଅଂଶୁମାନ୍ ସେଠୀ ଏବଂ ମୋନାଲିସା ସାହୁ ପ୍ରାର୍ଥୀ ହୋଇଛନ୍ତି । ଗର୍ଲସ କମନ୍‌ରୁମ୍ ସମ୍ପାଦିକା ପଦବୀ ପାଇଁ କୀର୍ତ୍ତି ରାଉଳ ଏବଂ ସ୍ୱପ୍ନା ରାଉଳଙ୍କ ମଧ୍ୟରେ ଲଢ଼େଇ ହେବ। ବାଣିଜ୍ୟ ସମାଜ ସମ୍ପାଦକ ପଦବୀ ପାଇଁ କେ.ଦୁର୍ଗାପ୍ରସାଦ ଦୋରା ଏବଂ ଡେ' ସ୍କଲାର୍ ସମ୍ପାଦକ ପାଇଁ ସୁମନ ଦାସ ଏକମାତ୍ର ପ୍ରାର୍ଥୀ ହୋଇଥିବା ଯୋଗୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି । ବିଜ୍ଞାନ ସମାଜ ସମ୍ପାଦକ ପାଇଁ ପ୍ରିୟଙ୍କା ମହାନ୍ତି ଏବଂ ସଙ୍କେତ କୁମାର ଦାସଙ୍କ ମଧ୍ୟରେ ଲଢ଼େଇ ହେବ ।

### ବ୍ରହ୍ମପୁର ସିଟି ମହାବିଦ୍ୟାଳୟ

ଏହି ମହାବିଦ୍ୟାଳୟରେ ସଭାପତି ପଦବୀ ପାଇଁ ୨ଜଣ ପ୍ରାର୍ଥୀ ହୋଇଛନ୍ତି । ସେମାନେ ହେଲେ ବିନୋଦ ଦାସ ଏବଂ ଡକ୍ଟୁ ସୁନିଲ । ସମ୍ପାଦକ ପଦବୀ ପାଇଁ ମଧ୍ୟ ଦୁଇଜଣ ପ୍ରାର୍ଥୀ ହୋଇଛନ୍ତି । ସେମାନେ ହେଲେ ସିଦ୍ଧାନ୍ତ କୁମାର ପ୍ରଧାନ ଏବଂ ଗୁଣୁନା ବେହେରା । ଉପସଭାପତି ପଦବୀ ପାଇଁ ଗଣେଶ କୁମାର ବିଷୋୟୀ ଏବଂ ମନମୋହନ ସାହୁ, ସହସମ୍ପାଦକ ପଦବୀ ପାଇଁ କାହ୍ନୁ କୁମାର ସାହୁ ଏବଂ ପ୍ରଭାତ ସାହୁ ପ୍ରାର୍ଥୀ ହୋଇଛନ୍ତି । କ୍ରୀଡ଼ା ସଂସଦ ସମ୍ପାଦକ ପଦବୀରେ ବନମାଳୀ ବେହେରା ଏବଂ ବି.ମନୋଜ କୁମାର ପାତ୍ର, ନାଟ୍ୟ ସଂସଦ ସମ୍ପାଦକ ପଦବୀ ପାଇଁ ମହେଶ ସାହୁ ଏବଂ ସନ୍ତୋଷ ମହାରଣା ପ୍ରାର୍ଥୀ ହୋଇଛନ୍ତି । ଗର୍ଲସ୍ ରିପ୍ରେଜେଣ୍ଟେଟିଭ୍ ଭାବେ ପଦ୍ମିନୀ ପଣ୍ଡା, ବିଜ୍ଞାନ ସମାଜ ସମ୍ପାଦକ ପାଇଁ ରାଜେଶ ପଣ୍ଡା, ହ୍ୟୁମାନିଟି ସମାଜ ସମ୍ପାଦକ ପାଇଁ ପୂଜା ବାଦଲ ଏକମାତ୍ର ପ୍ରାର୍ଥୀ ହୋଇଥିବା ଯୋଗୁ ନିର୍ଦ୍ୱନ୍ଦ୍ୱରେ ବିଜୟୀ ହୋଇଛନ୍ତି ।

# କୃଷକମାରଣ ନୀତି, ଖବରଦାତାଙ୍କୁ ଆକ୍ରମଣର ନିନ୍ଦା



ସିପିଆଇ(ଏମ୍-ଏଲ୍) ରେଡଷ୍ଟାର୍ ପକ୍ଷରୁ ପ୍ରତିବାଦ ସଭା

ବ୍ରହ୍ମପୁର ଅଫିସ୍,୪।୧୦

କେନ୍ଦ୍ର ସରକାରଙ୍କ କୃଷକମାରଣ ନୀତି ପ୍ରତିବାଦରେ ସାରା ଦେଶରେ ଚାଷୀମାନେ ଆନ୍ଦୋଳନ କରୁଛନ୍ତି । ଏମ୍.ଏସ୍. ସ୍ୱାମୀନାଥନଙ୍କ ସୁପାରିସକୁ କାର୍ଯ୍ୟକାରୀ କରିବା ଏବଂ ୬୦ବର୍ଷରୁ ଊର୍ଦ୍ଧ୍ୱ ଚାଷୀଙ୍କୁ ମାସିକ ୫ହଜାର ଟଙ୍କା ଭତ୍ତା ପ୍ରଦାନ ପାଇଁ ଦାବି କରୁଛନ୍ତି । ଏହି ଦାବିକୁ ମୋଦି ସରକାର ଏବଂ ରାଜ୍ୟ ସରକାର ସଂପୂର୍ଣ୍ଣ ଅଣଦେଖା କରୁଛନ୍ତି। ଉତ୍ତରପ୍ରଦେଶର ଚାଷୀମାନେ ନିଜ ହକ୍ ହାସଲ ପାଇଁ ରାଜଧାନୀ ଦିଲ୍ଲୀ ଅଭିମୁଖେ ଶାନ୍ତିପୂର୍ଣ୍ଣ ଭାବେ ଅଗ୍ରସର ହେଉଥିବା ବେଳେ ସେମାନଙ୍କ ଉପରକୁ ପାଣିମାଡ଼, ଲୁହବୁହା ଗ୍ୟାସ୍, ଲାଠି ଚାର୍ଜ କରାଯାଇଛି। ଚାଷୀମାନେ ଲହୁଲୁହାଣ ହୋଇଛନ୍ତି। ଏ ସରକାର କୃଷକ ବିରୋଧୀ। ଅନ୍ୟପଟେ ଭାଜପା ନେତାମାନେ ଦାୟିତ୍ୱହୀନ ମନ୍ତବ୍ୟ ଦେଉଛନ୍ତି । ଭାଜପା ମୁଖପାତ୍ର ସମ୍ବିତ ପାତ୍ର କହିଛନ୍ତି, ଦିଲ୍ଲୀକୁ ଗଦ୍ଦାରମାନେ ପ୍ରବେଶ କରୁଥିବା ଯୋଗୁ ପୋଲିସ କାର୍ଯ୍ୟାନୁଷ୍ଠାନ ନେଇଛି । ଏହି ଘଟଣାକୁ ନେଇ ଭାରତର କମ୍ୟୁନିଷ୍ଟ ପାର୍ଟି (ମାର୍କ୍ସବାଦୀ-ଲେନିନ୍‌ବାଦୀ) ରେଡଷ୍ଟାର ପକ୍ଷରୁ ଗୁରୁବାର ସନ୍ଧ୍ୟାରେ କମାପଲ୍ଲୀ ଛକରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। କୃଷକଙ୍କ ଉପରେ ଆକ୍ରମଣକୁ ନିନ୍ଦା କରାଯାଇଥିଲା । ଅନ୍ୟପଟେ ରାଜ୍ୟର ବିଭିନ୍ନ ସ୍ଥାନରେ ବିଗତ ଦିନରେ ଗଣମାଧ୍ୟମ ପ୍ରତିନିଧିମାନଙ୍କ ଉପରେ ଆକ୍ରମଣ ହୋଇଛି । ରାଜ୍ୟ ସରକାରଙ୍କ ବିଫଳତା ମୁଖା ଗଣମାଧ୍ୟମ ପ୍ରତିନିଧିମାନେ ଖୋଲି ଦେଉଥିବା ଯୋଗୁ ସେମାନଙ୍କ ଉପରେ ଆକ୍ରମଣ ହେଉଛି । ଏହା ନିନ୍ଦନୀୟ ବୋଲି ପ୍ରତିବାଦ ସଭାରେ ମତ ପ୍ରକାଶ ପାଇଛି। ଏହି ପ୍ରତିବାଦ ସଭାରେ ଜିଲା ସମ୍ପାଦକ ଶଙ୍କର ସାହୁ, ଆଦିବାସୀ ନେତା ଟୁନା ମଲ୍ଲିକ, ସୁରେନ୍ଦ୍ର ମଲ୍ଲିକ, ଜୟରାମ ନାୟକ, ଶ୍ରମିକ ନେତା ରାମଚନ୍ଦ୍ର ବାଡ଼ତ୍ୟା, ନିଧିଆ ପ୍ରଧାନ, ଚାଷୀ ନେତା ବୃନ୍ଦାବନ ବାରିକ, ଗୋପାଳକୃଷ୍ଣ ମଲ୍ଲିକ, ନର୍ମଦା ପ୍ରଧାନ, ଲତିକା ସ୍ୱାଇଁ, ସୁଶାନ୍ତ ନାହକ, ପି.ପାର୍ବତୀ ଏବଂ ଅକ୍ଷୟ ସାହୁ ପ୍ରମୁଖ ଭାଗନେଇଥିଲେ ।

## ସିଟି ମହାବିଦ୍ୟାଳୟ
# ନିର୍ବାଚନ ହାଲ୍‌ଚାଲ୍

ବ୍ରହ୍ମପୁର ଅଫିସ,୪।୧୦




ପାଖେଇ ଆସୁଛି ଛାତ୍ର ସଂସଦ ନିର୍ବାଚନ । ନିର୍ବାଚନ ଯେତେ ପାଖେଇ ଅସୁଛି, କ୍ୟାମ୍ପସ ସେତେ ଚଳଚଞ୍ଚଳ ହୋଇଉଠୁଛି । ଅନ୍ୟପକ୍ଷରେ ବୁଧବାର ନିର୍ବାଚନ ପାଇଁ ପ୍ରାର୍ଥୀପତ୍ର ଦାଖଲ ଶେଷ ହେବା ସହ ଗୁରୁବାର ଚୂଡାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇଛି। ଫଳରେ ନିର୍ବାଚନରେ କିଏ କାହା ବିପକ୍ଷରେ ଲଢିବେ, ତାହା ସ୍ପଷ୍ଟ ହୋଇଛି। ପ୍ରାର୍ଥୀମାନେ ନିର୍ବାଚନ ପାଇଁ ରଣନୀତି ପ୍ରସ୍ତୁତ କରିସାରିଛନ୍ତି । ଚୂଡାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପରେ ଗୁରୁବାର ସନ୍ଧ୍ୟାରୁ ହିଁ ପ୍ରଚାର ମଇଦାନକୁ ଓହ୍ଲାଇଛନ୍ତି ପ୍ରାର୍ଥୀ । ସୋସିଆଲ ମିଡିଆ ହ୍ୱାଟ୍‌ଆପ, ଫେସବୁକରେ ନିଜ ସପକ୍ଷରେ ପ୍ରଚାର ପ୍ରସାର କରିବା ସହ ଡୋର ଟୁ ଡୋର କ୍ୟାମ୍ପେନ୍ ଉପରେ ଗୁରୁତ୍ୱ ଦେଉଛନ୍ତି । ପ୍ରାର୍ଥୀମାନେ ନିଜ ସପକ୍ଷରେ ଛାତ୍ରୀଛାତ୍ରଙ୍କୁ ଆକର୍ଷଣ କରିବାକୁ ବିଭିନ୍ନ ପନ୍ଥା ଆପଣାଇବାକୁ ଯୋଜନା କରୁଛନ୍ତି । କିଏ କ୍ୟାମ୍ପସରେ ଖାଦ୍ୟ ସାମଗ୍ରୀ ବାଣ୍ଟି ଛାତ୍ରୀଛାତ୍ରଙ୍କ ମନ ଜିଣିବାକୁ ଗୁପ୍ତଯୋଜନା କରୁଛନ୍ତି ତ କିଏ ଛାତ୍ରୀଛାତ୍ରଙ୍କ କଲେଜର ସମସ୍ୟା ସମ୍ପର୍କରେ ଅବଗତ କରାଇ ତାହାର ସମାଧାନ କରିବାକୁ ପ୍ରତିଶ୍ରୁତି ଦେଉଛନ୍ତି । ଅନ୍ୟପକ୍ଷରେ ବିଭିନ୍ନ ରାଜନୈତିକ ଦଳ ମଧ୍ୟ ବାହାରୁ ପ୍ରାର୍ଥୀଙ୍କୁ ସମର୍ଥନ ଜଣାଇବା ସହ ପ୍ରଚାର ପ୍ରସାରରେ ସାହାଯ୍ୟ କରୁଛନ୍ତି । ତେବେ ନିର୍ବାଚନ ସମୟରେ ହିଂସାକୁ ନେଇ ଚର୍ଚ୍ଚାରେ ରହିଆସିଥିବା ବ୍ରହ୍ମପୁର ସିଟି ମହାବିଦ୍ୟାଳୟରେ ଶାନ୍ତି ଶୃଙ୍ଖଳାର ସହ ପ୍ରାର୍ଥୀ ଚୟନ ସରିଥିବା ବେଳେ ନିର୍ବାଚନକୁ ନେଇ କ୍ୟାମ୍ପସ ମଧ୍ୟ ବେଶ ଚଳଚଞ୍ଚଳ ହୋଇଉଠିଛି। ତେବେ ଚଳିତବର୍ଷ ନିର୍ବାଚନ ପାଇଁ ପ୍ରାର୍ଥୀ, ଛାତ୍ରୀଛାତ୍ର ଏବଂ କଲେଜ କର୍ତ୍ତୃପକ୍ଷ କିପରି ନିଜକୁ ପ୍ରସ୍ତୁତ କରୁଛନ୍ତି ତାହା ଜାଣିବା ନେଇ ପ୍ରୟାସ.......।



“ ଦୀର୍ଘ ବର୍ଷ ପରେ ବି କଲେଜର ସମସ୍ୟା ସମାଧାନ ହୋଇପାରିନାହିଁ । ଏବେ ବି ଛାତ୍ର ବିଶୃଙ୍ଖଳାକୁ ନେଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଭୟର ବାତାବରଣ ରହିଛି । ଯଦି ନିର୍ବାଚନରେ ବିଜୟୀ ହୁଏ, ତେବେ କଲେଜର ବିକାଶ ସହ କ୍ୟାମ୍ପସରେ ଶାନ୍ତିର ବାତାବରଣ ବଜାୟ ରଖିବାକୁ ପ୍ରୟାସ କରିବି । ଏହା ସହରର ଶେଷ ଭାଗରେ ଥିବାରୁ ଏଠାରେ ବାଳିକା ଓ ବାଳକ ହଷ୍ଟେଲ ନିର୍ମାଣ ସହ ସାଇକେଲ ଷ୍ଟାଣ୍ଡ ଭଳି କଲେଜରେ ଥିବା ସମସ୍ୟା ଓ ଅସୁବିଧା ଦୂର କରିବା ଉପରେ ଅଧିକ ଗୁରୁତ୍ୱ ଦେବି ।

**-ବିନୋଦ ଦାଶ, ସଭାପତି ପ୍ରାର୍ଥୀ**



“ କଲେଜର କେତେକ ସମସ୍ୟା ସମାଧାନ ହୋଇଥିଲେ ମଧ୍ୟ ଅନେକ ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ହୋଇପାରି ନାହିଁ । ଏହି କଲେଜକୁ ବହୁ ଦୂରଦୂରାନ୍ତରୁ ଛାତ୍ରୀଛାତ୍ରମାନେ ଅଧ୍ୟୟନ ପାଇଁ ଆସୁଥିବା ବେଳେ ଏଠାକୁ ଯାତାୟାତ କରିବାକୁ ବସର ସୁବିଧା ନାହିଁ । ଏହା ସହରର ଏକ ସନ୍ନିକଟ ଅଞ୍ଚଳରେ ଥିବାରୁ ବିଶେଷ କରି ଛାତ୍ରୀମାନଙ୍କ ସୁରକ୍ଷା ସହ ଗମନାଗମନ ପାଇଁ କଲେଜ ଦେଇ ସିଟି ବସ୍ ଯାତାୟାତ କରିବାକୁ ସଭାପତି ଗୁରୁତ୍ୱ ଦେବା ଦରକାର ।

**-ଆଶାରାଣୀ ପାଣିଗ୍ରାହୀ, ଯୁକ୍ତ ୩ କଳା ଛାତ୍ରୀ**

“ ଦୀର୍ଘ ବର୍ଷ ପରେ ମଧ୍ୟ ଛାତ୍ରମାନଙ୍କ ମଧ୍ୟରେ ମତଭେଦ ଦୂର ହୋଇପାରୁ ନାହିଁ । ଫଳରେ ନିର୍ବାଚନ ବେଳେ କ୍ୟାମ୍ପସରେ ଅନେକ ସମୟରେ ଅଶାନ୍ତି ଦେଖାଦେଉଛି । ଚଳିତ ବର୍ଷର ସଭାପତି ଛାତ୍ରମାନଙ୍କ ମଧ୍ୟରେ ରହିଥିବା ମତଭେଦକୁ ଦୂର କରିବା ଦରକାର । ସମସ୍ତଙ୍କ ସହ ରହି କଲେଜର ସମସ୍ୟା ଓ ବିକାଶ ଉପରେ ସଭାପତି ଚିନ୍ତା କରୁଥିବା ଆଶା କରୁଛି ।

**-ଦିଲୀପ କୁମାର ପାତ୍ର, ଛାତ୍ରନେତା**



“ କଲେଜର ଉନ୍ନତି, ଛାତ୍ରୀଛାତ୍ରଙ୍କ ବିକାଶ ଦିଗରେ କାର୍ଯ୍ୟ କରିବା ହିଁ ଛାତ୍ର ସଂସଦ ସଭାପତିଙ୍କର ପ୍ରଧାନ କର୍ତ୍ତବ୍ୟ ହେବା ଦରକାର । ପ୍ରତ୍ୟକ ବର୍ଷ ସଭାପତି ପ୍ରାର୍ଥୀମାନେ ନିର୍ବାଚନ ସମୟରେ କେବଳ ପ୍ରତିଶ୍ରୁତି ଦେଉଛନ୍ତି । କିନ୍ତୁ ସଭାପତି ହେବା ପରେ ସମସ୍ୟା ଓ ପ୍ରତିଶ୍ରୁତିକୁ ଭୁଲି ଯାଉଛନ୍ତି । ଏପରି ନ ହୋଇ ଯିଏ ଛାତ୍ରୀଛାତ୍ରଙ୍କ ସାମୂହିକ ସ୍ୱାର୍ଥ ପାଇଁ କାର୍ଯ୍ୟକରିବ ସେପରି ସଭାପତି ପ୍ରାର୍ଥୀଙ୍କୁ ହିଁ ଚୟନ କରିବି ।



**-ଲିପି ସାହୁ, ଯୁକ୍ତ ୩ ପ୍ରଥମ ବର୍ଷ କଳା ଛାତ୍ରୀ**

“ ନିର୍ବାଚନ ସରିବା ପର୍ଯ୍ୟନ୍ତ କ୍ୟାମ୍ପସରେ ଶାନ୍ତି ଶୃଙ୍ଖଳା ବଜାୟ ରଖିବାକୁ ଅଧ୍ୟାପକଙ୍କୁ ନେଇ ଦୁଇଟି ଡିସିପ୍ଲିନ କମିଟି ଗଠନ କରାଯାଇଛି । ଏହି କମିଟି କ୍ୟାମ୍ପସରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଶାନ୍ତିଶୃଙ୍ଖଳା ଉପରେ ଦୃଷ୍ଟି ଦେବା ସହ ଅଣଛାତ୍ରଙ୍କ ଅବାଧ ପ୍ରବେଶ ଉପରେ ମଧ୍ୟ ନଜର ରଖିବେ । ନିର୍ବାଚନ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କୁ କଲେଜ ମଧ୍ୟକୁ ପ୍ରବେଶ ପାଇଁ ପରିଚୟ ପତ୍ର, ୟୁନିଫର୍ମ ବାଧ୍ୟତାମୂଳକ କରାଯାଇଛି । ଏହା ସହ ବିଶୃଙ୍ଖଳା ତଥା ଗଣ୍ଡଗୋଳକୁ ଏଡାଇବା ପାଇଁ ପୋଲିସ ସୁରକ୍ଷାର ମଧ୍ୟ ବ୍ୟବସ୍ଥା କରାଯାଇଛି ।



**-ପୁଷ୍ପାଞ୍ଜଳି ସାବତ, ଅଧ୍ୟକ୍ଷ**

# ନବଜାତ ଶିଶୁ ମୃତ୍ୟୁକୁ ନେଇ ଏମ୍‌କେସିଜିରେ ଉତ୍ତେଜନା

ବ୍ରହ୍ମପୁର ଅଫିସ,୪।୧୦



ଉତ୍ତେଜନା ଲାଗି ରହିଥିବା ବେଳେ ବୈଦ୍ୟନାଥପୁର ପୋଲିସ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରୁଛି ।

ବ୍ରହ୍ମପୁର ଏମ୍‌କେସିଜି ମେଡିକାଲ କଲେଜ ଏସଏନସିୟୁ (ସିକ୍‌ ନିୟୁ ଚାଇଲ୍ଡ୍‌ୟୁନିଟ୍)ରେ ନବଜାତ ଶିଶୁପୁତ୍ରର ମୃତ୍ୟୁକୁ ନେଇ ଗୁରୁବାର ଉତ୍ତେଜନା ପ୍ରକାଶ ପାଇଛି । ଚିକିତ୍ସା ଅବହେଳାରୁ ଶିଶୁପୁତ୍ରର ମୃତ୍ୟୁ ଘଟିଥିବା ତାର ଅଜାଙ୍କ ସମେତ ଗ୍ରାମବାସୀ ଡାକ୍ତରଖାନା ସମ୍ମୁଖରେ ହୋହଲ୍ଲା କରିବା ସହ ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଦାବି କରିଥିଲେ। ଘଟଣାସ୍ଥଳରେ ବୈଦ୍ୟନାଥପୁର ପୋଲିସ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ଉତ୍ତେଜନା ଥମିବା ସହ ପରିସ୍ଥିତିରେ ସୁଧାର ଆସିଥିଲା ।

ପ୍ରକାଶଯେ, ହିଞ୍ଜିଳିକାଟୁ ଥାନା ଶରଧାପୁର ଗ୍ରାମର ଶ୍ରୀକାନ୍ତ ମହାନ୍ତିଙ୍କ ସ୍ତ୍ରୀ ଜନନୀ ବୁଧବାର ହିଞ୍ଜିଳି ସ୍ୱାସ୍ଥ୍ୟ କେନ୍ଦ୍ରରେ ଏକ ଶିଶୁପୁତ୍ର ଜନ୍ମ ଦେଇଥିଲେ । ସେଠାରେ ଶିଶୁପୁତ୍ରଟି ଅସୁସ୍ଥ ହୋଇପଡିବାରୁ ବୁଧବାର ଅପରାହ୍ନରେ ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା । ନବଜାତକଙ୍କ ନିମନ୍ତେ ଉଦ୍ଦିଷ୍ଟ ସ୍ୱତନ୍ତ୍ର କକ୍ଷ ତଥା ଏସ୍‌ଏନ୍‌ସିୟୁରେ ଶିଶୁକୁ ରଖାଯାଇ ଚିକିତ୍ସା କରାଯାଇଥିଲା । ଅଭିଯୋଗ ପ୍ରକାରେ ଶିଶୁଟିର ସ୍ୱାସ୍ଥ୍ୟାବସ୍ଥା ଗମ୍ଭୀର ଥିବାରୁ ଅକ୍ସିଜେନ ଦିଆଯାଇଥିଲା। ବିଳମ୍ବିତ ରାତିରେ ଶିଶୁଟିର ମୃତ୍ୟୁ ଘଟିଥିଲା । ଏସ୍‌ଏନ୍‌ସିୟୁରେ ଭର୍ତ୍ତି କରାଯିବା ଏବଂ ଡାକ୍ତର ପରୀକ୍ଷା କରି ଅକ୍ସିଜେନ ଲଗାଇବାକୁ ନିର୍ଦ୍ଦେଶ ଦେଇ ଚାଲିଯାଇଥିଲେ । ପରବର୍ତ୍ତୀ ସମୟରେ ଶିଶୁଟିର ସ୍ୱାସ୍ଥ୍ୟାବସ୍ଥା ଉଦ୍‌ବେଗଜନକ ହେବାରୁ ନର୍ସ ଓ କର୍ମଚାରୀ ଆସି ସ୍ୱାସ୍ଥ୍ୟାବସ୍ଥା ପରଖିଥିଲେ ଏବଂ ଅକ୍ସିଜେନ ବଦଳାଇଥିଲେ । ତେବେ ବିଳମ୍ବିତ ରାତିରେ ଶିଶୁଟିକୁ ଡାକ୍ତର ମୃତ ଘୋଷଣା କରିଥିଲେ। ନବଜାତକ ଶିଶୁ ଚିକିତ୍ସା କକ୍ଷରେ ୨୪ ଘଣ୍ଟିଆ ଡାକ୍ତର ନିୟୋଜିତ ହୋଇ ନ ଥିବାରୁ ଅନଭିଜ୍ଞ ନର୍ସ ଏବଂ କର୍ମଚାରୀଙ୍କ ଦ୍ୱାରା ତ୍ରୁଟିପୂର୍ଣ୍ଣ ଅକ୍ସିଜେନ ଲଗାଇବା ଯୋଗୁ ଶିଶୁଟିର

### ଚିକିତ୍ସା ଅବହେଳା ଅଭିଯୋଗ

ମୃତ୍ୟୁ ଘଟିଛି ବୋଲି ଅଭିଯୋଗ ଆଣି ଶିଶୁର ଅଜା ଉଗ୍ରସେନ ମହାନ୍ତି ଏବଂ ତାଙ୍କ ସମ୍ପର୍କୀୟମାନେ ଡାକ୍ତରଖାନାରେ ହୋହଲ୍ଲା କରିଥିଲେ । ପରେ ଘଟଣା ସ୍ଥଳରେ ବୈଦ୍ୟନାଥପୁର ପୋଲିସ ସେମାନଙ୍କୁ ବୁଝାଶୁଝା କରିଥିଲା । ବଡ ମେଡିକାଲ କର୍ତ୍ତୃପକ୍ଷ ଆସି ଉଗ୍ରସେନ ଏବଂ ତାଙ୍କ ପରିବାର ବର୍ଗଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ପ୍ରଶାସନର ସହାୟତାରେ ପରେ ମହାପ୍ରୟାଣ ଗାଡିରେ ମୃତ ଶିଶୁକୁ ତାଙ୍କ ଗ୍ରାମକୁ ପଠାଇ ଦିଆଯାଇଥିଲା । ଏନେଇ ଏମ୍‌କେସିଜି ମେଡିକାଲ ଅଧୀକ୍ଷକ ଡାକ୍ତର ପ୍ରଫେସର ଚରଣ ପଣ୍ଡାଙ୍କୁ ପଚାରିବାରୁ, ମେଡିକାଲକୁ ଆସିବା ପୂର୍ବରୁ ହିଁ ଶିଶୁଟିର ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିଲା । ତାଙ୍କୁ ତୁରନ୍ତ ଚିକିତ୍ସା ଯୋଗାଇ ଦେବାକୁ ଏସ୍‌ଏନ୍‌ସିୟୁରେ ଭର୍ତ୍ତି କରାଯାଇଥିଲା । ସମସ୍ତ ପ୍ରକାର ଚିକିତ୍ସା ସତ୍ତ୍ୱେ ଶିଶୁଟିର ମୃତ୍ୟୁ ଘଟିଛି ବୋଲି ସେ କହିଛନ୍ତି । ସେହିପରି ଏସ୍‌ଏନ୍‌ସିୟୁରେ ୨୪ ଘଣ୍ଟିଆ ଡାକ୍ତର ନିୟୋଜିତ କରାଯାଇ ସ୍ୱାସ୍ଥ୍ୟ ସେବା ଯୋଗଇଦେବା ନେଇ ସମସ୍ତ ପ୍ରକାର ପ୍ରୟାସ ଜାରି ରହିଥିବା ବେଳେ ମୃତକଙ୍କ ପରିବାରବର୍ଗଙ୍କୁ ଭେଟି ସାନ୍ତ୍ୱନା ଜଣାଯାଇଛି ବୋଲି ସେ କହିଛନ୍ତି ।

## ସଂକ୍ଷେପରେ

### କାର୍-ବାଇକ୍ ଧକ୍କା: ଡ୍ରାଇଭରଙ୍କୁ ପିଟି ମାରିଦେଲେ

**ଭୋଗରାଇ, ୪।୧୦(ଡି.ଏନ.ଏ.):** ରାସ୍ତା ଦୁର୍ଘଟଣାକୁ କେନ୍ଦ୍ର କରି ଉତ୍ତ୍ୟକ୍ତ ଲୋକେ ଆଇନକୁ ହାତକୁ ନେଇ ଜଣେ କାର୍ ଡ୍ରାଇଭରଙ୍କୁ ପିଟି ହତ୍ୟା କରିଛନ୍ତି। ଏଭଳି ଏକ ଅଭାବନୀୟ ଘଟଣା ବାଲେଶ୍ୱର ଜିଲା ଭୋଗରାଇ ଥାନା ଅଧୀନ ଜଗନ୍ନାଥପୁର-ଭୁଷଣ୍ଡେଶ୍ୱର ରାସ୍ତା ପଥରେଶ୍ୱର ଛକଠାରେ ବୁଧବାର ରାତିରେ ଘଟିଛି। ମୃତକ ହେଲେ ସିଂଲା ଥାନା ଅଞ୍ଚଳର କାର୍ ଚାଳକ ହରିଶ୍ଚନ୍ଦ୍ର କାମିଳା (୫୪)। ପୋଲିସ ଏନେଇ ତଦନ୍ତ କରିବା ପରେ ମାମଲା (ନଂ.୧୬୬/୧୮)ରୁଜୁ କରି ସ୍ଥାନୀୟ ଶୁଖଷଣ୍ଡା ଗ୍ରାମର ମୃତ୍ୟୁଞ୍ଜୟ ଗିରି(୪୦)ଙ୍କୁ ଗିରଫ କରିଛି।

ଡ୍ରାଇଭର ହରିଶ୍ଚନ୍ଦ୍ର ବୁଧବାର ରାତି ପ୍ରାୟ ୯ଟା ବେଳେ କାର୍ ନେଇ ଆସୁଥିବା ସମୟରେ ପଥରେଶ୍ୱର ଛକ ନିକଟରେ ଏକ ବାଇକ ସହ ଧକ୍କା ହୋଇଥିଲା। ଏଥିରେ କାହାରି କିଛି କ୍ଷତି ଘଟି ନ ଥିଲା। ଏହି ଦୁର୍ଘଟଣାକୁ ନେଇ ବାଇକ୍ ଆରୋହୀ ଓ କାର୍ ।ଇଭରଙ୍କ ମଧରେ ପ୍ରଥମେ ବଚସା ହୋଇ ହାତାହାତି ପର୍ଯ୍ୟନ୍ତ କଥା ଯାଇଥିଲା। ସ୍ଥାନୀୟ ଲୋକେ ଆସି ଭିଡ ଜମାଇଥିଲେ। ସେମାନେ ବାଇକ୍ ଆରୋହୀଙ୍କୁ ସମର୍ଥନ କରି କାର୍ ଡ୍ରାଇଭରଙ୍କୁ ନିସ୍ତୁକ ମାଡ଼ ମାରିଥିଲେ। ଏଥିରେ ଡ୍ରାଇଭର ହରିଶ୍ଚନ୍ଦ୍ର ଗୁରୁତର ଆହତ ହୋଇଥିଲେ। ଦୁର୍ଘଟଣାସ୍ଥଳରେ ପୋଲିସ ପହଞ୍ଚି ଆହତ ଡ୍ରାଇଭରଙ୍କୁ ତୁରନ୍ତ ଜଲେଶ୍ୱରପୁର ଡାକ୍ତରଖାନାକୁ ପଠାଇଥିଲା। ତାଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ପଠାଯାଉଥିବା ବେଳେ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ପୋଲିସ ଘଟଣାର ତଦନ୍ତ କରି ଶୁଖଷଣ୍ଡା ଗ୍ରାମର ମୃତ୍ୟୁଞ୍ଜୟଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି।

### ୫୬ ପରିବାରକୁ ମିଳିଲା ରାଜୀବ ଆବାସ ଗୃହ ନମ୍ବର

**ବ୍ରହ୍ମପୁର ଅଫିସ, ୪।୧୦:** ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ରାଜୀବ ଆବାସ ଯୋଜନାରେ ଗୁରୁବାର ଦୁଇଟି ୱାର୍ଡର ୫୬ ପରିବାରକୁ ଲଟେରି ମାଧମରେ ଗୃହ ନମ୍ବର ପ୍ରଦାନ କରାଯାଇଛି। ୨୭ ନଂ. ୱାର୍ଡ ଶିଶୁ ମନ୍ଦିର ରୋଡ ସାହିର ୨୧ ପରିବାରଙ୍କୁ ନେହେରୁ ନଗରରେ ରାଜୀବ ଆବାସ ଗୃହ ନମ୍ବର ପ୍ରଦାନ କରାଯାଇଛି। ସେହିପରି ୩୮ ନଂ. ୱାର୍ଡ ଅନ୍ତର୍ଗତ ଗୁଡିଆ ବନ୍ଧ ସାହିର ୩୫ ପରିବାରଙ୍କୁ ପାନାକେନାପଲ୍ଲୀରେ ରାଜୀବ ଆବାସ ଗୃହ ନମ୍ବର ପ୍ରଦାନ କରାଯାଇଛି। ବିଏମ୍‌ସି ସମ୍ମିଳନୀ କକ୍ଷରେ ସହକାରୀ ନିର୍ବାହୀଯନ୍ତ୍ରୀ ଏମ୍. ନାଗେଶ୍ୱର ସୁବୁଦ୍ଧି, ବସ୍ତିଉନ୍ନୟନ ଅଧିକାରୀ ଈପ୍‌ସିତା ପ୍ରିୟଦର୍ଶିନୀ ମିଶ୍ର ଯୋଗଦେଇ ହିତାଧିକାରୀଙ୍କୁ ଲଟେରି ମାଧମରେ ଗୃହ ନମ୍ବର ପ୍ରଦାନ କରିଥିଲେ। ଏଥିରେ କମ୍ୟୁନିଟି ଅର୍ଗାନାଇଜର ଓ ଅନ୍ୟକର୍ମକର୍ତ୍ତା ସହଯୋଗ କରିଥିଲେ। ବର୍ତ୍ତମାନ ସୁଦ୍ଧା ୮୦୦ ପରିବାରଙ୍କୁ ରାଜୀବ ଆବାସ ଗୃହ ପାଇଁ ଲଟେରି ମାଧମରେ ଗୃହ ନମ୍ବର ପ୍ରଦାନ କରାଯାଇଛି। ସେଥିମଧରୁ ୨୦୦ ପରିବାରକୁ ସୋମନାଥ ନଗର, ନୀଳାଦ୍ରି ବିହାର, ଆନନ୍ଦ ସାରଣୀ ସ୍ଥିତ ରାଜୀବ ଆବାସ ଗୃହକୁ ସ୍ଥାନାନ୍ତର କରାଯାଇଥିବା ସହକାରୀ ନିର୍ବାହୀ ଅଧିକାରୀ ସୁବୁଦ୍ଧି ସୂଚନା ଦେଇଛନ୍ତି।

### ଭାଜପାର ଦୁଇ ସଚେତନତା ରଥର ଶୁଭାରମ୍ଭ

**ବ୍ରହ୍ମପୁର ଅଫିସ,୪।୧୦:** ଗଞ୍ଜାମ ଜିଲା ଭାଜପା ଶିଳ୍ପାଞ୍ଚଳ ମଣ୍ଡଳ ପକ୍ଷରୁ ଆଙ୍କୋଲି ଛକରେ ବୁଧବାର ଦୁଇ ଆୟୁଷ୍ମାନ ଯୋଜନାର ପ୍ରଚାର ରଥର ଶୁଭାରମ୍ଭ ହୋଇଥିଲା। କେନ୍ଦ୍ର ମୋଦି ସରକାରଙ୍କ ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟ ବୀମା ଯୋଜନାକୁ ଓଡ଼ିଶାରେ ବାଧତାମୂଳକ ଭାବେ କାର୍ଯ୍ୟକାରୀ କରିବା ପାଇଁ ଜନ ସଚେତନତା ସୃଷ୍ଟି ନିମନ୍ତେ ରଥ ବିଭିନ୍ନ ଅଞ୍ଚଳ ପରିକ୍ରମା କରିଥିଲା। ରାଜ୍ୟ ବିଜେଡି ସରକାର ଏଭଳି ଏକ କଲ୍ୟାଣମୂଳକ ଯୋଜନାକୁ ରାଜ୍ୟରେ କାର୍ଯ୍ୟକାରୀ ନ କରିବାକୁ ନେଇଥିବା ନିଷ୍ପତ୍ତି ସମ୍ପର୍କରେ ଲୋକଙ୍କୁ ଅବଗତ କରାଯାଇଥିଲା। ଯୋଜନାକୁ ରାଜ୍ୟରେ ବାଧତାମୂଳକ ଭାବେ କାର୍ଯ୍ୟକାରୀ ପାଇଁ ଦସ୍ତଖତ ସଂଗ୍ରହ ଅଭିଯାନ ହୋଇଥିଲା। ଏହି ରଥକୁ ଜିଲା ଭାଜପା ସଭାପତି କାହ୍ନୁ ଚରଣ ପତି ଓ ରାଜ୍ୟ ସମ୍ପାଦକ ବିଭୂତି ଜେନା ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ମଣ୍ଡଳ ସଭାପତି ରାମ ପ୍ରସାଦ ସାମଲ, ଗଙ୍ଗାଧର ଶତପଥୀ, ଜିଲା ପରିଷଦ ସଭ୍ୟ ବିନୋଦ ମିଶ୍ର, ଏଲ. ମୋହନ ଦାସ, ଯୁବମୋର୍ଚ୍ଚା ନେତା ଏନ୍. ରାଜେନ୍ଦ୍ର କୁମାର, ରଜତ ପଣ୍ଡିତ, ମମତାମୟୀ ରଣା, ଯୁବନେତା ସୁନିଲ ପାତ୍ର ଓ ସନ୍ତୋଷୀ ମହାରଣାଙ୍କ ସମେତ ବହୁ ସଂଖ୍ୟକ କର୍ମୀ ଉପସ୍ଥିତ ଥିଲେ। ଦୁଇ ରଥ ଗୋପାଳପୁର ନିର୍ବାଚନ ମଣ୍ଡଳୀର ବିଭିନ୍ନ ଅଞ୍ଚଳ ପରିକ୍ରମା କରିବାର କାର୍ଯ୍ୟକ୍ରମ ଚୂଡ଼ାନ୍ତ ହୋଇଛି।

## ଗଞ୍ଜାମ ଜିଲା କଂଗ୍ରେସର ପ୍ରଶିକ୍ଷଣ ଶିବିର

# କେନ୍ଦ୍ର, ରାଜ୍ୟ ସରକାର ବିରୋଧରେ ବର୍ଷିଲେ ନେତା

**ବ୍ରହ୍ମପୁର ଅଫିସ,୪।୧୦**



କଂଗ୍ରେସ ପ୍ରଶିକ୍ଷଣ ଶିବିରରେ ମଞ୍ଚାସୀନ ନେତାମାନେ।

ଗଞ୍ଜାମ ଜିଲା କଂଗ୍ରେସର ପ୍ରଶିକ୍ଷଣ ଶିବିର ଗୁରୁବାର ବ୍ରହ୍ମପୁରରେ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ମୋଦି ସରକାର ଓ ରାଜ୍ୟ ବିଜେଡି ସରକାରଙ୍କ ଜନବିରୋଧୀ ନୀତି ଏବଂ ବହୁମୁଖୀ ଭ୍ରଷ୍ଟାଚାର ସମ୍ପର୍କରେ ଜନ ଜାଗରଣ ସୃଷ୍ଟି କରିବାକୁ ଶିବିରାର୍ଥୀଙ୍କୁ ଆହ୍ୱାନ ଦିଆଯାଇଛି। ନବ ନିଯୁକ୍ତ ଜିଲା ପରିଷଦ ଜୋନ ସଭାପତି, ଜିଲା କଂଗ୍ରେସ କମିଟି କର୍ମକର୍ତ୍ତାଙ୍କ ସମେତ ଛାମୁଆ ସଂଗଠନର ପ୍ରମୁଖ ନେତାମାନେ ଶିବିରାର୍ଥୀ ଭାବେ ଯୋଗ ଦେଇଥିଲେ। ଜିଲାର ୫ ପଞ୍ଚାୟତର ଶତାଧିକ ଲୋକଙ୍କୁ କଂଗ୍ରେସର ନୀତି ଓ ଆଦର୍ଶ ନେଇ ଅବଗତ କରାଇବା ଏବଂ ଆଗାମୀ ସାଧାରଣ ନିର୍ବାଚନରେ ସଂଖ୍ୟାଗରିଷ୍ଠ ହୋଇ ସରକାର ଗଠନ ଲାଗି ଦଳ ଯେଉଁ ରଣନୀତି ପ୍ରସ୍ତୁତ କରିଛି ତା'ର ସଫଳ ରୂପାୟନ ପାଇଁ ନିଷ୍ଠାର ସହ କର୍ମୀମାନେ ପ୍ରୟାସ କରିବା ଉପରେ ଗୁରୁତ୍ୱାରୋପ କରାଯାଇଛି। ଆଗାମୀ ସାଧାରଣ ନିର୍ବାଚନ ପାଇଁ କଂଗ୍ରେସ ବଜାଇଛି ବିଗୁଲ।

ଏଆଇସିସି ସମ୍ପାଦକ ତଥା ପ୍ରଦେଶ କଂଗ୍ରେସ ସହପ୍ରଭାରୀ ଅନୀଲ ଚୌଧୁରୀ ଓ ପିସିସି କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝି, ବରିଷ୍ଠ ନେତା ଚିନ୍ତାମଣି ଦ୍ୟାନ ସାମନ୍ତରା, ଗଞ୍ଜାମ ଜିଲା ପ୍ରଭାରୀ ଶୁଭେନ୍ଦୁ ମହାନ୍ତି, ପୂର୍ବତନ ଏମ୍‌ପି ନକୁଳ ନାୟକ ଏଥିରେ ଯୋଗ ଦେଇଥିଲେ। ଜିଲା କଂଗ୍ରେସ ସଭାପତି ଡ଼ା. ତ୍ରିନାଥ ବେହେରା ଅଧ୍ୟକ୍ଷତା କରିଥିବା ବେଳେ ଅଭିଷେକ ମହାନନ୍ଦ, ଭୀଷ୍ମାଚାର୍ଯ୍ୟ ମହାପାତ୍ର, ରାଜ୍ୟ ସମ୍ପାଦକ ଲିଙ୍ଗରାଜ ଚୌଧୁରୀ, ଜିଲା କାର୍ଯ୍ୟକାରୀ ସଭାପତି ପୀତବାସ ପଣ୍ଡା, ଦୀପକ ପଟ୍ଟନାୟକ, ସାକା ସୁଜିତ, ସନ୍ତୋଷ ନାୟକ, ବିଜୟ ସାହୁଙ୍କ ସମେତ ଭୋକାଲି ସେଠୀ, ନଗର କଂଗ୍ରେସ ସଭାପତି ପ୍ରମୋଦ କୁମାର ଜେନା ପ୍ରମୁଖ ମଞ୍ଚାସୀନ ଥିଲେ। ପୂର୍ବତନ ସାନଖେମୁଣ୍ଡି ବିଧାୟକ ରମେଶ ଜେନା ଯୋଗ ଦେଇଥିଲେ ମଧ୍ୟ ହଠାତ ମଞ୍ଚରୁ ଓହ୍ଲାଇ ପଳାଇଥିଲେ।

ଭାଷଣ ପ୍ରସଙ୍ଗରେ ଏଆଇସିସି ସମ୍ପାଦକ ଅନୀଲ ଶିବିରାର୍ଥୀମାନେ ଫେରିବା ପରେ କଂଗ୍ରେସର ନୂଆ ସ୍ଲୋଗାନ ମୋର ବୁଥ, ମୋର ଗୌରବ ନେଇ ଲୋକଙ୍କୁ ସଚେତନ କରାଇବାକୁ ପରାମର୍ଶ ଦେଇଥିଲେ। ପ୍ରଧାନମନ୍ତ୍ରୀ ମୋଦିଙ୍କ ଆଚ୍ଛେଦିନ ପ୍ରତାରଣାରେ ପରିଣତ ହୋଇଛି ଏବଂ ବିଜେଡି ସରକାରଙ୍କ ସାଢ଼େ ୧୮ ବର୍ଷ ଶାସନରେ ବିକାଶ ବାଧାପ୍ରାପ୍ତ ହୋଇ ଓଡ଼ିଶା ୩୦ ବର୍ଷ ପଛକୁ ଯାଇଥିବା ଅନିଲ ଅଭିଯୋଗ କରିଥିଲେ। କଂଗ୍ରେସର ଶକ୍ତି ମିଶନ କାର୍ଯ୍ୟକ୍ରମରେ ବୁଥସ୍ତରରେ ସଂଗଠନକୁ ମଜଭୁତ କରି ଯେଉଁମାନେ ୧୦ ହଜାର ମେମ୍ବରଶିପ୍ କରିବେ ସେମାନଙ୍କୁ ଆଗାମୀ ବିଧାନସଭା ନିର୍ବାଚନ ଲଢ଼ିବା ପାଇଁ ଦଳରୁ ଟିକେଟ ମିଳିବ। ସେହିପରି ୬୦ ହଜାର ସଭ୍ୟ ସଂଗ୍ରହ କଲେ ଲୋକ ସଭା ପାଇଁ ପ୍ରାର୍ଥୀ କରାଯିବାର ଅନୀଲ ସ୍ପଷ୍ଟ କରିଥିଲେ।

- ସାଧାରଣ ନିର୍ବାଚନ ପାଇଁ ବାଜିଲା ବିଗୁଲ
- ୧୦ ହଜାର ସଭ୍ୟ କଲେ ମିଳିବ ବିଧାନସଭା ଟିକେଟ
- ଅଧାରୁ ପଳାଇଲେ ରମେଶ ଜେନା

ପିସିସି କାର୍ଯ୍ୟକାରୀ ସଭାପତି ପ୍ରଦୀପ କଂଗ୍ରେସର ନୂଆ ରଣନୀତି ସମ୍ପର୍କରେ ତର୍ଜମା କରିଥିଲେ। ଲୋକଙ୍କୁ ମିଥ୍ୟା ପ୍ରତିଶ୍ରୁତି ଦେଇ ଭୁଆଁ ବୁଲାଉଥିବା ଭାଜପା ଓ ବିଜେଡିର ଅସଲ ମୁଖା ଖୋଲିବା ପାଇଁ ସେ ଶିବିରାର୍ଥୀମାନଙ୍କୁ ସଚେତନ କରାଇଥିଲେ। ଦୀର୍ଘ ବର୍ଷରୁ ତଳିତଳାନ୍ତ ହୋଇଯାଇଥିବା ଗଞ୍ଜାମ ଜିଲା କଂଗ୍ରେସ ପକ୍ଷରୁ ପ୍ରଶିକ୍ଷଣ ଶିବିର ନାଁରେ ବଡ଼ ଧରଣର କର୍ମୀ ସମାବେଶ ହୋଇଥିଲା। ଜିଲାର ସମସ୍ତ ସହରାଞ୍ଚଳ ଓ ଗ୍ରାମାଞ୍ଚଳରୁ ନେତା ଓ କର୍ମୀ ଆସିଥିଲେ। ବ୍ରହ୍ମପୁର ଲୋକସଭା କ୍ଷେତ୍ର ଯୁବ କଂଗ୍ରେସ ସଭାପତି ବିଶ୍ୱଜିତ ପାତ୍ର ଓ ତାଙ୍କ ଟିମ ଉତ୍ସାହର ସହିତ କାର୍ଯ୍ୟ କରିଥିବା ପିସିସି କାର୍ଯ୍ୟକାରୀ ସଭାପତି ମାଝି ସୂଚନା ଦେଇଥିଲେ।

# ଶାନ୍ତିର ବାର୍ତ୍ତାବହ ଅଭିଯାତ୍ରୀଙ୍କୁ ସମ୍ବର୍ଦ୍ଧନା



ସମ୍ବର୍ଦ୍ଧନା ସଭାରେ ଅଭିଯାତ୍ରୀ ଦଳ ଏବଂ ଅତିଥି।

**ବ୍ରହ୍ମପୁର ଅଫିସ୍,୪।୧୦**

ଶାନ୍ତିର ବାର୍ତ୍ତା ନେଇ ସର୍ବଭାରତୀୟ ମହିଳା ଅଭିଯାତ୍ରୀ ଦଳକୁ ଗୁରୁବାର ବ୍ରହ୍ମପୁରରେ ସମ୍ବର୍ଦ୍ଧନା ଦିଆଯାଇଛି। ଏନେଇ ଟାଉନ୍‌ହଲ୍‌ରେ ଉତ୍କଳ ମହିଳା ସମିତି ଗଞ୍ଜାମ ଜିଲା ଶାଖା ପକ୍ଷରୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଜିଲା ଆବାହିକା ଆର୍. ବିଜୟଲକ୍ଷ୍ମୀ ଏଥିରେ ଅଧ୍ୟକ୍ଷତା କରିଥିଲେ। ସର୍ବଭାରତୀୟ ଏହି ଅଭିଯାତ୍ରୀ ଦଳରେ ସୋହଦ ଆବୁଜାର୍, ମୋନା ଦେବୀ, ଶିଲା ଭାରତୀ, ବିଶ୍ମିଲାହା, କେ. ମାଧବୀ, ସୀମରନ୍, ନିଶା ସିନ୍ଧୁ, ସାକ୍ଷୀ ଜାହାନ୍, ରାଜ ଲକ୍ଷ୍ମୀ, ଶିଲା ବସନ୍ତ ମହାନ୍ତି, ସଞ୍ଜୁକ୍ତା ଦିଗାଲ୍, ରତ୍ନାରାଣୀ ନାୟକ, ଇସରତ୍ ଜାହାନ୍, ଅଫ୍‌ସାନା ଖାତୁନ୍, ଆଇ. ଅହମ୍ମଦ ଏବଂ ଦେବୀ ପ୍ରମୁଖ ରହିଛନ୍ତି। ଏହି ଅବସରରେ ଉତ୍କଳ ମହିଳା ସମିତି ରାଜ୍ୟ ସମ୍ପାଦିକା ପ୍ରଭାବତୀ ଦାସ, ଚିନ୍ମୟ ସାହାଣୀ, ଏନ୍. ଭାନୁମତୀ ରେଡ୍ଡୀ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ମହିଳାଙ୍କ ଉପରେ ବୃଦ୍ଧି ପାଉଥିବା ଅତ୍ୟାଚାରକୁ ସଭାରେ ନିନ୍ଦା କରାଯାଇଥିଲା। ମହିଳାଙ୍କୁ ସମାନ ଅଧିକାର, ମହିଳା ଚାଲାଣ ବନ୍ଦ, ଯୌନ ନିର୍ଯାତନା ବନ୍ଦ, ଘରୋଇ ମହିଳା ଶ୍ରମିକ ଆଇନ୍ କାର୍ଯ୍ୟକାରୀ କରିବା, ମହିଳା ସଂରକ୍ଷଣ ବିଲ୍‌କୁ ଆଇନରେ ପ୍ରଣୟନ କରିବା ସହ ମହିଳାଙ୍କ ସମ୍ପର୍କିତ ଅନ୍ୟାନ୍ୟ ଦାବିଗୁଡ଼ିକ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା। ନାରୀନେତ୍ରୀ ସୁପ୍ରଭା ପଟ୍ଟଯୋଶୀ, ପି. ରେଣୁକା, ସିପିଆଇ ଗଞ୍ଜାମ ଜିଲା ସମ୍ପାଦକ ପ୍ରକାଶ ପାତ୍ର, ସିପିଆଇ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ ପ୍ରଶାନ୍ତ ପଟ୍ଟଯୋଶୀ, ଜିଲା ସହସମ୍ପାଦକ ଅଳକନାଥ ମିଶ୍ର, ଉପସଭାପତି କିଶୋର ଶତପଥୀ, ଅଖିଳ ଭାରତ ଯୁବ ସଂଘ ରାଜ୍ୟ ସମ୍ପାଦକ ପ୍ରଦୀପ ସେଠୀ, ଶ୍ରମିକ ନେତା ପଞ୍ଚାନନ ସ୍ୱାଇଁଙ୍କ ସମେତ ବହୁ ନେତା ଉପସ୍ଥିତ ଥିଲେ। ଏହା ପୂର୍ବରୁ ବିଜୁ ପଟ୍ଟନାୟକ ପାର୍କ ପାଖରୁ ଏକ ଶୋଭାଯାତ୍ରା ବାହାରି ଟାଉନ୍ ହଲ୍‌ରେ ପହଞ୍ଚିଥିଲା।

### ଦିଲ୍ଲୀରୁ ଅଭିଯୁକ୍ତଙ୍କୁ ଗିରଫ କଲା ସାଇବର୍ ଥାନା ପୋଲିସ

**ବ୍ରହ୍ମପୁର ଅଫିସ,୪।୧୦**

ଫେସ୍‌ବୁକ୍‌ରେ ବିବାହିତ ମହିଳାଙ୍କ ଫଟୋ ବ୍ୟବହାର କରି ସେଥିରେ ଅଶ୍ଳୀଳ ଓ ଆପତ୍ତି ଜନକ ଫଟୋ ଏବଂ ମନ୍ତବ୍ୟ ପୋଷ୍ଟ କରିବା ଅଭିଯୋଗରେ ବ୍ରହ୍ମପୁର ସାଇବର ଥାନା ପୋଲିସ ଦିଲ୍ଲୀରୁ ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଯୁବକ ଜଣକ ହେଲେ ନୂଆ ଦିଲ୍ଲୀ ସୁଲାତାନ୍‌ପୁର ଅଞ୍ଚଳର ଭଗୱନ୍ତ ଓରଫ୍ ସୁନୀଲ୍ (୨୮)। ଏନେଇ ଏପ୍ରିଲ ୨୬ରେ ଥାନାରେ ଜଣେ ମହିଳା ଅଭିଯୋଗ କରିବା ପରେ ନଂ. ୩/୧୮ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଥିଲା। ଆଇଆଇସି କଳ୍ପନା କାଉଁରୀଙ୍କ ନେତୃତ୍ୱରେ ଏସ୍‌ଆଇ ଅବିନାଶ ରେଡ୍ଡୀ ଏବଂ କନଷ୍ଟେବଳ ଉତ୍ତମ କୁମାର ଗୌଡଙ୍କୁ ନେଇ ଗଠିତ ଏକ ଟିମ୍ ଦିଲ୍ଲୀ ଯାଇ ତାଙ୍କୁ ଗିରଫ କରିଥିଲା। ଦିଲ୍ଲୀର ରୋହିଣୀସ୍ଥିତ ସ୍ଥାନୀୟ କୋର୍ଟରେ ହାଜର କରାଯିବା ପରେ କୋର୍ଟ ପକ୍ଷରୁ ତାଙ୍କୁ ୩ଦିନିଆ ଟ୍ରାନ୍‌ଜିଟ୍ ରିମାଣ୍ଡ ମିଳିଥିଲା। ସେହି ଆଧାରରେ ତାଙ୍କୁ ବ୍ରହ୍ମପୁର ଅଣାଯାଇ ଗୁରୁବାର ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ହାଜର କରାଯାଇଥିଲା। ସେଠାରେ ଜାମିନ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି ବୋଲି ତଦନ୍ତକାରୀ ଅଧିକାରୀ ତଥା ବ୍ରହ୍ମପୁର ସାଇବର ଥାନା ଆଇଆଇସି କାଉଁରୀ ସୂଚନା ଦେଇଛନ୍ତି।

### ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ bmpselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।



### ସେଲ୍‌ଫି କର୍ଣ୍ଣର



@ ତୃପ୍ତି



@ ସୁମନ



@ ସୁଶାନ୍ତ

**ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ** | bmpselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

### ଏସ୍‌ଡିଜେଏମଙ୍କ କୋର୍ଟରେ ହାଜର ହେଲେ ରମେଶ ଜେନା

## ଦୁଇଟି ମାମଲାର ହେଲା କମିଟ୍‌ମେଣ୍ଟ

**ବ୍ରହ୍ମପୁର ଅଫିସ,୪।୧୦:** ବ୍ରହ୍ମପୁର ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ଗୁରୁବାର ସାନଖେମୁଣ୍ଡିର ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ଜେନାଙ୍କୁ ହାଜର କରାଯାଇଥିଲା। ରମେଶଙ୍କ ଦୁଇଟି ମାମଲାରେ କମିଟ୍‌ମେଣ୍ଟ ହୋଇଥିବା ଓକିଲ ନିର୍ମଳ ସାହୁ ସୂଚନା ଦେଇଛନ୍ତି। ଉଭୟ ମାମଲାର ବିଚାର ପାଇଁ ନଭେମ୍ବର ୧୪ କୁ ଦିନ ଧାର୍ଯ୍ୟ କରାଯାଇଥିବା ଜଣାପଡିଛି। ପ୍ରକାଶଯେ, ଜିଆର ନଂ. ୨୧/୧୭, ଖଲ୍ଲିକୋଟ କଲେଜ ପଡିଆରେ ପୂର୍ବତନ କର୍ପୋରେଟର ମୁନା ଜେନାଙ୍କ ଷ୍ଟେଜ୍ ପୋଡି ମାମଲା ଏବଂ ଜିଆର ନଂ ୧୦୫୧/୧୭, ରଣ୍ଡା ଗ୍ରାମର ବୁବୁ ପଣ୍ଡା ହତ୍ୟା ମାମଲା ଜିଲା ଦୌରା ଜଜ୍‌ଙ୍କ କୋର୍ଟରେ ବିଚାର ଚାଲିଥିବା ବେଳେ ସାକ୍ଷୀଙ୍କୁ ସକ୍ଷ୍ୟ ଉପସ୍ଥାପନ ନ କରିବା ପାଇଁ ଧମକ ଦେବା ମାମଲାରେ ରମେଶ ଅଭିଯୁକ୍ତ ଥିଲେ। ଗୁରୁବାର ସେ ଗୁଡିକର କମିଟମେଣ୍ଟ ହୋଇଥିଲା।

# ଶିଶୁକନ୍ୟାକୁ ଚେଙ୍କ ଘଟଣା, ମା', ମଉସା ଅଟକ

**ବ୍ରହ୍ମପୁର ଅଫିସ,୪।୧୦**

୩ ବର୍ଷର ଶିଶୁ କନ୍ୟାକୁ ଚେଙ୍କ ଦେବା ଘଟଣାରେ କବିସୂର୍ଯ୍ୟନଗର ପୋଲିସ ମା', ମଉସାଙ୍କୁ ଗୁରୁବାର ଥାନାରେ ଅଟକ ରଖି ପଚରା ଉଚୁରା କରୁଛି। ସେପ୍ଟେମ୍ବର ୩୦ରେ ଶିଶୁ କନ୍ୟାକୁ ଘର ଭିତରୁ ଚାଇଲ୍ଡ ଲାଇନ ଦ୍ୱାରା ଉଦ୍ଧାର କରାଯାଇ ଅକ୍ଟୋବର ୧ରେ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଉଭୟ ମା' ଏବଂ ମଉସା ଘରୁ ଗିରଫ ଭୟରେ କେଉଁଆଡେ ଫେରାର ହୋଇଯାଇଥିଲେ। ଏନେଇ ଚାଇଲ୍ଡ ଲାଇନ ପକ୍ଷରୁ କବିସୂର୍ଯ୍ୟନଗର ଥାନାରେ ଏତଲା ଦିଆଯିବା ପରେ ପୋଲିସ ନଂ ୨୧୫/୧୮ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ପୁରୁଷୋତ୍ତମପୁର ଏସ୍‌ଡିପିଓ ଅଶ୍ୱିନୀ କୁମାର ସାହୁ ସୂଚନା ଦେଇଛନ୍ତି। ପ୍ରକାଶଯେ, କବିସୂର୍ଯ୍ୟନଗର ଭାସିଆ ସାହିର ଜଣେ ବ୍ୟକ୍ତି ଶିଶୁ କନ୍ୟା ଏବଂ ସ୍ତ୍ରୀଙ୍କୁ ନେଇ ଏକ ଭଡା ଘରେ ରହୁଥିଲେ। ବ୍ୟକ୍ତି ଜଣକ ବିହାରରେ ଦାଦନ ଖଟୁଥିବା ବେଳେ ସ୍ତ୍ରୀ ଓ କନ୍ୟା ଘରେ ରହୁଥିଲେ। ଶିଶୁ କନ୍ୟାର ମଉସା ଗତ କିଛି ଦିନ ହେଲା ଶାଳୀଙ୍କ ଘରକୁ ଆସୁଥିବା ବେଳେ ଶିଶୁ କନ୍ୟାକୁ ତାଙ୍କ ମା' ଏବଂ ମଉସା କୌଣସି କାରଣରୁ ଚେଙ୍କ ଦେଉଥିଲେ। ଶିଶୁଟିର ଚିତ୍କାର ଶୁଣି ସାହି ପଡ଼ିଶା ବ୍ରହ୍ମପୁର ଚାଇଲ୍ଡ ଲାଇନକୁ ଖବର କରିଥିଲେ। ପରେ ଚାଇଲ୍ଡ ଲାଇନର ଏକ ଟିମ ଗତ ୩୦ରେ ଉକ୍ତ ଘରକୁ ଯାଇ ଶିଶୁ କନ୍ୟାଟିକୁ ଉଦ୍ଧାର କରିଥିବା ବେଳେ ଉଭୟ ମା'ଏବଂ ମଉସା ଭୟରେ କେଉଁଆଡେ ଫେରାର ହୋଇଯାଇଥିଲେ। ଗୁରୁବାର ଉଭୟ ମା' ଏବଂ ମଉସାଙ୍କୁ ପୋଲିସ ଥାନାକୁ ଆଣି ଜେରା ଆରମ୍ଭ କରିଥିବା ଜଣାପଡିଛି। ତେବେ ଚେଙ୍କ ଦେବା ପଛରେ କାରଣ କ'ଣ ରହିଛି ତାହା ତଦନ୍ତ କରାଯିବା ପରେ ଜଣାପଡିବ ବୋଲି ଏସ୍‌ଡିପିଓ ସାହୁ ସୂଚନା ଦେଇଛନ୍ତି।

# ୨ଟି ଡ୍ର ପରେ ପୋଲିସ ବିଜୟୀ

### ଗଞ୍ଜାମ ଜିଲା ଫୁଟବଲ୍ ଲିଗ୍

**ବ୍ରହ୍ମପୁର ଅଫିସ୍, ୪।୧୦**



ବ୍ରହ୍ମପୁର ପୋଲିସ ଏବଂ ଆସିକା ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍‌ର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

ବ୍ରହ୍ମପୁର ଷ୍ଟାଡିୟମରେ ଚାଲିଥିବା ଗଞ୍ଜାମ ଜିଲା ଫୁଟବଲ୍ ଲିଗ୍‌ର ଗୁରୁବାର ଥିଲା ଦ୍ୱିତୀୟ ଦିବସ। ଏହି ଦିବସରେ ୩ମ୍ୟାଚ୍ ଖେଳାଯାଇଥିଲା। ସକାଳେ ପ୍ରଥମ ମ୍ୟାଚ୍ ହିଞ୍ଜିଳିକାଟୁ ଫୁଟବଲ୍ କ୍ଲବ ଏବଂ ୟଙ୍ଗ ବଏଜ୍ ଫୁଟବଲ୍ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ନିର୍ଦ୍ଧାରିତ ୭୦ମିନିଟ୍ ଭିତରେ ଉଭୟ ଦଳ ଗୋଲ୍ ସ୍କୋର କରିବାରେ ବିଫଳ ହୋଇଥିଲେ। ଉଭୟ ପକ୍ଷରୁ ଘନ ଘନ ଆକ୍ରମଣ ହୋଇଥିଲେ ମଧ୍ୟ ଗୋଲ୍ ହୋଇପାରି ନ ଥିଲା। ଶେଷରେ ମ୍ୟାଚ୍ ୦-୦ରେ ଡ୍ର ହୋଇଯାଇଥିଲା। ସକାଳେ ଦ୍ୱିତୀୟ ମ୍ୟାଚ୍ ବାରାକ୍ସ ଫୁଟବଲ୍ କ୍ଲବ ଏବଂ ଖେମୁଣ୍ଡି ଫୁଟବଲ୍ କ୍ଲବ ମଧ୍ୟରେ ଖେଳାଯାଇଥିଲା। ଖେମୁଣ୍ଡି ପକ୍ଷରୁ ୧୦ମ ମିନିଟ୍‌ରେ ଦିଲୀପ ବେହେରା ଗୋଟିଏ ଗୋଲ୍ ସ୍କୋର କରି ଦଳକୁ ଅଗ୍ରଣୀ କରିଥିଲେ। ହେଲେ ପ୍ରଥମାର୍ଦ୍ଧ ସରିବାର କେଇମିନିଟ୍ ପୂର୍ବରୁ ଅର୍ଥାତ୍ ୩୩ତମ ମିନିଟ୍‌ରେ ବାରାକ୍ସ ପକ୍ଷରୁ ସି.ଦହୁରା ଗୋଲ୍ ସ୍କୋର କରି ମ୍ୟାଚ୍‌କୁ ୧-୧ରେ ପହଞ୍ଚାଇ ଦେଇଥିଲେ। ଦ୍ୱିତୀୟାର୍ଦ୍ଧରେ ଉଭୟ ଦଳ ଗୋଲ୍ କରିବାର ଚେଷ୍ଟା କରିଥିଲେ ମଧ୍ୟ ବିଫଳ ହୋଇଥିଲେ। ଏହି ମ୍ୟାଚ୍‌ଟି ମଧ୍ୟ ଡ୍ର'ରେ ଶେଷ ହୋଇଥିଲା। ଅପରାହ୍ଣରେ ଦିନର ତୃତୀୟ ମ୍ୟାଚ୍ ବ୍ରହ୍ମପୁର ପୋଲିସ ଏବଂ ଆସିକା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସଂପୂର୍ଣ୍ଣ ମ୍ୟାଚ୍‌ରେ ବ୍ରହ୍ମପୁର ପୋଲିସ ପ୍ରଭାବ ବିସ୍ତାର କରିଥିଲା। ଏହି ଦଳର ଖେଳାଳିଙ୍କ ପାଖରେ ଅଧିକାଂଶ ସମୟ ବଲ୍ ରହୁଥିଲା। ବ୍ରହ୍ମପୁର ପୋଲିସ ତରଫରୁ ରାକେଶ ଏକ୍କା ମାତ୍ର ପଞ୍ଚମ ମିନିଟ୍‌ରେ ପ୍ରଥମ ଗୋଲ୍ ସ୍କୋର କରିଥିଲେ। ୨୯ତମ ମିନିଟ୍‌ରେ ସୁଶାନ୍ତ କଠୁଆ ଦଳ ତରଫରୁ ଦ୍ୱିତୀୟ ଗୋଲ୍ କରିଥିଲେ। ୫୧ତମ ମିନିଟ୍‌ରେ ବି.ପ୍ରଧାନ ଆଉ ଏକ ଗୋଲ୍ ସ୍କୋର କରି ମ୍ୟାଚ୍‌କୁ ୩-୦ରେ ବ୍ରହ୍ମପୁର ପୋଲିସ ସପକ୍ଷରେ କରିଦେଇଥିଲେ। ଆସିକା ଦଳର ଶୋଚନୀୟ ପରାଜୟ ହୋଇଥିଲା। ଅଫିସିଆଲ୍ ଭାବେ ବିଜୟ ଅଧିକାରୀ, ରମାକାନ୍ତ ବିଷୋୟୀ, ଏନ୍. ଭାସ୍କର ରାଓ, ବିଷ୍ଣୁନାଥ ପାତ୍ର, ରଞ୍ଜିତ ପାତ୍ର, ପରେଶ ମହାପାତ୍ର, ମହେନ୍ଦ୍ର ବେହେରା, ପ୍ରଶାନ୍ତ ସେଠୀ, ସୁସିର ବିଶ୍ୱାସ, ବାରିକ ବେହେରା ଏବଂ ରମେଶ ବେହେରା ପରିଚାଳନା କରିଥିଲେ। ଶୁକ୍ରବାର ଦୁଇଟି ମ୍ୟାଚ୍ ଖେଳାଯିବ। ସକାଳେ ଲିଓ ଫୁଟବ୍ଲ କ୍ଲବ ଏବଂ ତୁଳସୀନଗର କ୍ଲବ ଏବଂ ଅପରାହ୍ଣରେ ପତିତପାବନ ସଂଘ ଏବଂ ମର୍ନିଂ ଫୁଟବଲ୍ କ୍ଲବ ମଧ୍ୟରେ ଖେଳ ଅନୁଷ୍ଠିତ ହେବ।

# ସଂକ୍ଷେପରେ

## ବ୍ଲକସ୍ତରୀୟ ସୁରଭି

**ଗଞ୍ଜାମ,୪।୧୦(ଡି.ଏନ.ଏ.):** ଗଞ୍ଜାମ ବ୍ଲକ ବେଲପଡ଼ା କ୍ଲଷ୍ଟର ପକ୍ଷରୁ ପାଲୁରୁ ଜଙ୍କସନସ୍ଥିତ ସରକାରୀ ଆଶ୍ରମ ବିଦ୍ୟାଳୟରେ ଶିଶୁ ସୁରଭି କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବେଲପଡ଼ା କ୍ଲଷ୍ଟର ସିଆରସିସି ଆର୍ତ୍ତତ୍ରାଣ ପଲାଇଙ୍କ ଅଧକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟ କୁମାର ବିଶ୍ୱାଳ ଯୋଗଦେଇ ସୁରଭି କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପରେ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ତଥା ବିଆରସିସି ତ୍ରିଲୋଚନ ତ୍ରିପାଠୀ, ଆଶ୍ରମ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ନିରଞ୍ଜନ ଚୌଧୁରୀ, ସର୍ବଶିକ୍ଷା ଅଭିଯାନ ବୈଷୟିକ ସହାୟିକା ସ୍ନିଗ୍ଧା ସୁଚରିତା, ଆଦର୍ଶ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ଓଝା, ଶିକ୍ଷକ ରାଇମୋହନ ଦାସ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଉପଲକ୍ଷେ ବେଲପଡ଼ା କ୍ଲଷ୍ଟର ଅଧିନରେ ଥିବା ୧୪ଟି ସ୍କୁଲର ଛାତ୍ରୀଛାତ୍ରଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

## କ୍ଲଷ୍ଟର ସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'

**ପୋଲସରା,୪।୧୦(ଡି.ଏନ.ଏ.)-** ପୋଲସରା ବ୍ଲକରେ ଗୁରୁବାର କ୍ଲଷ୍ଟର ସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ପ୍ରତିଯୋଗିତା ଆରମ୍ଭ ହୋଇଛି। ୧୧ଟି କ୍ଲଷ୍ଟରରେ ସୁରଭି ଆରମ୍ଭ ହୋଇଛି। ହାତୀଓଟ କ୍ଲଷ୍ଟରସ୍ତରୀୟ ସୁରଭି ପ୍ରତିଯୋଗିତାକୁ ହାତୀଓଟ ନୋଡାଲ୍ ହାଇସ୍କୁଲ ଦାୟିତ୍ୱରେ ଥିବା ପ୍ରଧାନଶିକ୍ଷକ ଉମା ଶଙ୍କର ଦାଶ ଉଦ୍‌ଘାଟନ କରିଥିଲେ। ବିଚାରକ ଭାବେ ୨୩ଜଣ ଶିକ୍ଷକଙ୍କୁ ନିଯୁକ୍ତ କରାଯାଇଥିଲା। ହାତୀଓଟ କ୍ଲଷ୍ଟରରେ ଥିବା ନୋଡାଲ୍ ହାଇସ୍କୁଲଠାରେ ସୁରଭି ପ୍ରତିଯୋଗିତା ଆରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମରେ ଏହି କ୍ଲଷ୍ଟରର ୧୬ଟି ସ୍କୁଲରୁ ୧୬୦ଜଣ ଛାତ୍ରୀଛାତ୍ର ବିଭିନ୍ନ ପ୍ରତିଯୋଗିତା ଭାଗ ନେଇଥିଲେ। ୫୨ ଜଣ ବ୍ଲକ ସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଚିହ୍ନଟ ହୋଇଥିବା ସିଆର୍‌ସିସି ଜଗନ୍ନାଥ ପଣ୍ଡା କହିଛନ୍ତି।

## ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ଶୁଭାରମ୍ଭ

**କନିଷ୍ଠି,୪।୧୦(ଡି.ଏନ.ଏ.):** ରଙ୍ଗେଇଲୁଣ୍ଡା ବ୍ଲକର ୩୨ଟି ଗ୍ରାମପଞ୍ଚାୟତର ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନାରେ ୨ହଜାର ୨୭୭ ଜଣଙ୍କୁ ରାଶନକାର୍ଡ ବଣ୍ଟନ କରାଯାଇଥିଲା। ଗୋପାଳପୁର ବିଧାୟକ ଡ଼. ପ୍ରଦୀପ କୁମାର ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗଦେଇ ରଙ୍ଗେଇଲୁଣ୍ଡା ବ୍ଲକ ପରିସରରେ ପହଞ୍ଚି ହିତାଧିକାରୀଙ୍କୁ କାର୍ଡ ବଣ୍ଟନ କରିଥିଲେ। ଏଥିରେ ରଙ୍ଗେଇଲୁଣ୍ଡା ବ୍ଲକ ଅଧକ୍ଷା ସିଏଚ ଉଷାରାଣୀ, ବ୍ଲକ ଉପାଧକ୍ଷ ଅଜିତ କୁମାର ଦାଶ, ଜିଲା ପରିଷଦ ଅଧକ୍ଷ ସୁବାଷ ଚନ୍ଦ୍ର ବେହେରା, ରଙ୍ଗେଇଲୁଣ୍ଡା ବ୍ଲକ ଯୋଗାଣ ଅଧିକାରୀ ପଦ୍ମେଶ ଶତପଥୀ, ବିଡିଓ କୁମାର ନାଗଭୂଷଣ, ଜିପିଓ ପ୍ରତାପ ଚନ୍ଦ୍ର ପଟ୍ଟନାୟକ, ୩୨ଟି ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ଜିଲା ପରିଷଦ ସଭ୍ୟ, ଗ୍ରାମସେବକ, ବ୍ଲକ କର୍ମଚାରୀମାନେ ଯୋଗ ଦେଇଥିଲେ।




## ଯୋଗାଣ ସହାୟକ ସଂଘ ବୈଠକ

**ପୁରୁଷୋତ୍ତମପୁର, ୪।୧୦(ଡି.ଏନ୍.ଏ.):** ପୁରୁଷୋତ୍ତମପୁର ବ୍ଲକ ଯୋଗାଣ ସହାୟକ ସଂଘର ବୈଠକ ଜଗନ୍ନାଥ ମନ୍ଦିର ପରିସରରେ ସଭାପତି ଜିତେନ୍ଦ୍ର ନାହାକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାର ସୁଷମ ବଣ୍ଟନ , ପଞ୍ଚାୟତ ନିର୍ବାହୀ ଅଧିକାରୀ ଓ ଯୋଗାଣ ସହାୟକଙ୍କ ମଧରେ ପିଡିଏସ୍‌ର ଯୁଗ୍ମ ପାସ ବୁକ୍ ବ୍ୟାଙ୍କ୍‌ରେ ଖୋଲିବା ସହ ଯୋଗାଣ ସହାୟକଙ୍କ ଦରମା ବୃଦ୍ଧି, ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ସମ୍ପାଦକ ଜନାର୍ଦ୍ଦନ ସାସମଲ, କୋଷାଧକ୍ଷ ଶ୍ରୀଧର ପାଣିଗ୍ରାହୀ, ଶ୍ୟାମଳ ବେହେରା, ନିରଞ୍ଜନ ଗୌଡ଼, ଭାସ୍କର ପ୍ରଧାନ, ଅନୀଲ କୁମାର ବେହେରା, ଏନ୍ ଗଣପତି ଦୋରା, ପ୍ରଶାନ୍ତ କୁମାର ଦାଶ ଓ ମନୋଜ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ଚେକ୍ ଡ୍ୟାମ ନିର୍ମାଣରେ ତ୍ରୁଟି, ଜମିକୁ ଆସୁନି ପାଣି

**ପାତ୍ରପୁର,୪।୧୦(ଡି.ଏନ୍.ଏ.)**

ପାତ୍ରପୁର ବ୍ଲକ ସୁନାଦେଇପେଣ୍ଠ ଗ୍ରାମ ନିକଟ ଦେଇ ଯାଇଥିବା ବଗୀନଦୀ ଉପରେ ଗଜଦନ୍ତା ଚେକ୍ ଡ୍ୟାମ୍ ନିର୍ମାଣରେ ତ୍ରୁଟି ହୋଇଥିବା ଚାଷୀ ଅଭିଯୋଗ କରିଛନ୍ତି। ଏଥିଯୋଗୁ ଚାଷୀକୁଳ ଚିନ୍ତାରେ ପଡିଛି। ଚେକ ଡ୍ୟାମ୍ ତିଆରି ପରେ ୨୦୦ ଏକର ଜମିକୁ ଜଳସେଚନ ପାଇଁ ଲକ୍ଷ୍ୟ ରହିଥିଲା। ତେବେ ଡ୍ୟାମରେ ତ୍ରୁଟି ଯୋଗୁଁ ଆବଶ୍ୟକ ବେଳେ ସମସ୍ତ ଜମିକୁ ପାଣି ଆସିପାରୁ ନ ଥିବାରୁ ଚାଷୀ ହତାଶ ହୋଇଛନ୍ତି। ଚେକ ଡ୍ୟାମ୍ ନିର୍ମାଣରେ ବ୍ୟାପକ ଦୁର୍ନୀତି ହୋଇଥିବା ଚାଷୀ ଅଭିଯୋଗ କରିଥିବା ବେଳେ ପାଣି ପାଇଁ ଚାଷୀ ବାଲିବସ୍ତା ରଖି ଆନିକଟ୍ ବାନ୍ଧିଛନ୍ତି। ମାଇନର୍ ଇରିଗେଶନ୍ ତରଫରୁ କାମ ହୋଇଥିବା ଗ୍ରାମବାସୀ କହିଛନ୍ତି। ଏ ନେଇ ବିଭାଗୀୟ ଏସଡ଼ିଓଙ୍କୁ ଯୋଗାଯୋଗ କରିବାରୁ ସେ କହିଛନ୍ତି, ଚାଷୀ ପାଣି କେମିତି ଏବଂ କେଉଁ ଉପାୟରେ ବ୍ୟବହାର କରିପାରିବେ ତାହା ସେମାନଙ୍କ ଉପରେ ନିର୍ଭର କରେ । ଉକ୍ତ ସ୍ଥାନରେ ସମସ୍ତ ଜମିକୁ ଜଳସେଚନ କରିବା ଲାଗି କେନାଲ ତିଆରି କରିବା ପାଇଁ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ଜଣାଇଛୁ।


ବାଲିବସ୍ତା ରଖି ଚାଷୀ ଜମିକୁ ପାଣି ନେବା ପାଇଁ ବ୍ୟବସ୍ଥା କରୁଛନ୍ତି।

# ଉନ୍ନୟନ କାର୍ଯ୍ୟ ଅନୁଧ୍ୟାନ କଲେ ଜିଲାପାଳ

**ଆସିକା,୪।୧୦(ଡି.ଏନ୍.ଏ.)**

ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଆସିକା ଗସ୍ତରେ ଆସି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଅନୁଧ୍ୟାନ କରିବା ସହ ସମୀକ୍ଷା କରିଛନ୍ତି। ଜିଲାପାଳ ବ୍ଲକର କେନ୍ଦୁପଦର ଗ୍ରାମରେ ନିର୍ମିତ ପ୍ରଧାନମନ୍ତ୍ରୀ ଆବାସ କଲୋନୀ ପରିଦର୍ଶନ କରିଥିଲେ। ପରେ କେନ୍ଦୁପଦରରେ ନିର୍ମିତ ବଜାର ଗୃହ, ରାମନାପଲ୍ଲୀ ଓ ରାଙ୍କୁଡା ଗ୍ରାମରେ ହୋଇଥିବା ଆଦର୍ଶ ପୁଷ୍କରିଣୀ ଏବଂ ନିମିନା ପଞ୍ଚାୟତ ଖଣ୍ଡରାବଳି ଗ୍ରାମ୍ୟ ପୋଖରୀର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ପରିଦର୍ଶନ କରିଥିଲେ। ପୋଖରୀ ହିଡରେ ଫ୍ଲେବରବ୍ଲକ ଓ ପାହାଚରେ ଟାଇଲ ପକାଇବା ଲାଗି ପରାମର୍ଶ ଦେଇଥିଲେ। ଜିଲାପାଳଙ୍କ ଗସ୍ତ ସମୟରେ ବ୍ଲକ ଅଧକ୍ଷ ହରେକୃଷ୍ଣ ମଳିକ, ବିଡିଓ ଗାୟତ୍ରୀଦତ୍ତ ନାୟକ, ସହକାରୀ ନିର୍ବାହୀ ଯନ୍ତ୍ରୀ ସଚ୍ଚିଦାନନ୍ଦ ଦାସ ଉପସ୍ଥିତ ଥିଲେ। ଏହା ପରେ ଜିଲାପାଳ ଆସିକା ଚିନିଶିଳ୍ପକୁ ଯାଇ ବନ୍ଦ ରହିଥିବା ଡିଷ୍ଟିଲାରପ୍ଲାଣ୍ଟ ବୁଲିଥିଲେ। ପ୍ରଦୂଷଣ ସମସ୍ୟା ଦୂରିକରଣ କାର୍ଯ୍ୟ ସଂପାଦନ ଦାୟିତ୍ୱରେ ଥିବା ଘରୋଇ ସଂସ୍ଥାର କର୍ମଚାରୀଙ୍କୁ ଡାକି ତୁରନ୍ତ ଏହି କାର୍ଯ୍ୟ ସରିବା ଲାଗି ନିର୍ଦ୍ଦେଶ ଦେଇଥିଲେ । ଚିନିଶିଳ୍ପ ପରିଚାଳନା ନିର୍ଦ୍ଦେଶକ ଲକ୍ଷ୍ମୀକାନ୍ତ ବେହେରା ଆବଶ୍ୟକୀୟ ଅର୍ଥ ଅଭାବରୁ ଚିନିଶିଳ୍ପ ପକ୍ଷରୁ ଏହି କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇ ପାରୁ ନ ଥିବା ଜିଲାପାଳଙ୍କୁ ଅବଗତ କରିଥିଲେ । ସମସ୍ତ ଅସମ୍ପୂର୍ଣ୍ଣ କାର୍ଯ୍ୟ ଲାଗି କେତେ ଅର୍ଥ ଆବଶ୍ୟକ ରହିଛି ଚିଠା ପ୍ରସ୍ତୁତ କରି ଦାଖଲ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ତେବେ ୧୦ କୋଟି ଟଙ୍କା ଆବଶ୍ୟକ ଥିବା କାରଖାନା ପକ୍ଷରୁ ଜିଲାପାଳଙ୍କୁ ଚିଠା ପ୍ରଦାନ କରାଯାଇଥିବା ଜଣାପଡିଛି । ଜିଲାପାଳ କୁଲାଙ୍ଗେ ଆସିକା ଥାନାକୁ ମଧ ପରିଦର୍ଶନରେ ଯାଇ ଆଇନ ଶୃଙ୍ଖଳା ସ୍ଥିତି ସମୀକ୍ଷା କରିଥିଲେ।

# ଜାତୀୟସ୍ତରୀୟ ବିଚ୍ ଭଲିବଲ୍ ଖେଳି ଫେରିଲେ ଅଭୟ

**ଦାରିଙ୍ଗବାଡ଼ି,୪।୧୦(ଡି.ଏନ.ଏ.)**

ଦାରିଙ୍ଗବାଡ଼ି ବ୍ଲକ ମାହାଡ଼ାଗାଣ୍ଡା ଗ୍ରାମର ମଦନ ମଲ୍ଲିକଙ୍କ ସାନ ପୁଅ ଅଭୟ ଜାତୀୟସ୍ତରରେ ବିଚ୍ ଭଲିବଲ୍ ପ୍ରତିଯୋଗିତାରେ ଭାଗନେଇ ରନର୍ସଅପ୍ ହୋଇଛନ୍ତି । ସେ ଦାରିଙ୍ଗବାଡ଼ିରେ ବୁଧବାର ପହଞ୍ଚିଥିଲେ । ତାଙ୍କୁ ଚାରିଛକରେ ଶତାଧିକ ଲୋକଙ୍କ ସମେତ ସହପାଠୀ, ବିଦ୍ୟାଳୟ ପ୍ରଧାନଶିକ୍ଷକ ବଳଭଦ୍ର ମଲ୍ଲିକଙ୍କ ସମେତ ଖେଳ ଶିକ୍ଷକ ସନ୍ତୋଷ କୁମାର ମାଝି, ସଞ୍ଜୟ କୁମାର ସାହୁ, ଶିକ୍ଷକ ବିଦେଶୀ ନାୟକ ପ୍ରମୁଖ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ସେହିପରି ଅଭୟଙ୍କ ପରିବାର ବର୍ଗ ମଧ ଉପସ୍ଥିତ ଥିଲେ। ଏକ ଶୋଭାଯାତ୍ରାରେ ଅଭୟଙ୍କୁ ସହର ପରିକ୍ରମା କରାଯାଇଥିଲା। ବିଇଓଙ୍କ କାର୍ଯ୍ୟାଳୟରେ ମଧ ସମ୍ବର୍ଦ୍ଧନା ଦିଆଯାଇଥିଲା। ଅଭୟ ପ୍ରଥମେ ବ୍ଲକ


ଅଭୟଙ୍କୁ ଦାରିଙ୍ଗବାଡ଼ିରେ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଉଛି।

**ଦାରିଙ୍ଗବାଡ଼ିରେ ସ୍ୱାଗତ**

ଏବଂ ପରେ ଜିଲା ଓ ରାଜ୍ୟକୁ ବିଚ୍ ଭଲିବଲ୍ ଖେଳ ପାଇଁ ମନୋନୀତ ହୋଇଥିଲେ। ରାଜ୍ୟରେ ଭଲ ଖେଳ ପ୍ରଦର୍ଶନ କରିଥିବାରୁ ଜାତୀୟସ୍ତରରେ ଖେଳିବା ପାଇଁ ତାମିଲନାଡୁର ନଗାପଟ୍ଟନମରେ ଆୟୋଜିତ ଜାତୀୟ ଭଲିବଲ୍ ଟୁର୍ନାମେଣ୍ଟରେ ଓଡ଼ିଶା ପାଇଁ ଖେଳିଥିଲେ । ସେଠାରେ ମୋଟ ୧୮ ରାଜ୍ୟ ସହ ମୁକାବିଲା ହୋଇଥିଲା। ସେଠାରେ ତାମିଲନାଡୁ ଉଇନର ହୋଇଥିବା ବେଳେ ଓଡ଼ିଶା ଦଳ ରନର୍ସଅପ୍ ହୋଇଥିଲା ବୋଲି ଅଭୟ କହିଛନ୍ତି । ସେ ଭ୍ରମରବାଡ଼ି ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ର ଅଟନ୍ତି।

## ଆର. ଉଦୟଗିରିରେ ଗ୍ରାମସଭା

**ଆର.ଉଦୟଗିରି, ୪।୧୦(ଡି.ଏନ.ଏ.):**

ଗଜପତି ଜିଲା ଆର.ଉଦୟଗିରି ପଞ୍ଚାୟତ କାର୍ଯ୍ୟାଳୟଠାରେ ମଙ୍ଗଳବାର ସରପଞ୍ଚ ସଞ୍ଜୁକ୍ତା ପୂଜାରୀ ଅଧକ୍ଷତାରେ ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏମ୍‌ଜିଏନ୍‌ଆର୍‌ଇଜିଏସର ୨୦୧୯ରୁ ୨୦ ଆର୍ଥିକ ବର୍ଷ ପାଇଁ କାର୍ଯ୍ୟ ଖସଡ଼ା ପ୍ରସ୍ତୁତି ପାଇଁ ପଲ୍ଲୀସଭାର ତାରିଖ ଧାର୍ଯ୍ୟ ହୋଇଥିଲା। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପାଇଥିବା ୭ ହିତାଧିକାରୀମାନେ ୩ମାସ ମଧରେ ଗୃହ କାମ ଶେଷ କରିଥିବାରୁ ସେମାନଙ୍କୁ ପ୍ରୋତ୍ସାହନ ରାଶି ୨୦ ହଜାର ଟଙ୍କାର ଚେକ୍ ବିଡିଓ ପ୍ରଦୀପ କୁମାର ନାୟକ ପ୍ରଦାନ କରିଥିଲେ । ପଞ୍ଚାୟତରେ ଅଟକି ରହିଥିବା କାମ ଗୁଡ଼ିକ ତୁରନ୍ତ ଶେଷ କରିବା ପାଇଁ ବିଡିଓ ନାୟକ କହିଥିଲେ । କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷ ନବୀନ ରଇତ, ସୁରେନ୍ଦ୍ର ରାଇକା, ନାଏବ ସରପଞ୍ଚ ଅରୁଣ ମଣ୍ଡଳ, ୱାର୍ଡସଭ୍ୟା ସଭ୍ୟ, ମହିଳା ମଣ୍ଡଳ ଏବଂ ଗ୍ରାମବାସୀ ପ୍ରମୁଖ ଯୋଗ ଦେଇଥିଲେ।

# ମିଳିତ ଶିକ୍ଷକ ସଂଘ ବୈଠକ


ବିଇଓଙ୍କୁ ଭେଟି ଆଲୋଚନା କରୁଛନ୍ତି ଶିକ୍ଷକମାନେ।

**ଛତ୍ରପୁର, ୪।୧୦(ଡି.ଏନ.ଏ)**

ଛତ୍ରପୁର ମିଳିତ ଶିକ୍ଷକ ସଂଘର ନୂତନ କର୍ମକର୍ତ୍ତାମାନଙ୍କର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛ। ପ୍ରଥମେ ସୁନ୍ଦରପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଜନାର୍ଦ୍ଦନ ଶତପଥୀ ନୂତନ କର୍ମକର୍ତ୍ତାମାନଙ୍କୁ ଶପଥ ପାଠ କରାଇଥିଲେ। ପରେ ଶିକ୍ଷକମାନଙ୍କ ବିଭିନ୍ନ ସମସ୍ୟା ଆଲୋଚନା ହୋଇଥିଲା। ପରେ ସଂଘ ପକ୍ଷରୁ ବିଇଓ ଅବିନାଶ ଶତପଥୀଙ୍କୁ ସାକ୍ଷାତ କରି ବିଭିନ୍ନ ବିଷୟରେ ଅବଗତ କରାଯାଇଥିଲା । ଶୈକ୍ଷିକ ବାତାବରଣର ଉନ୍ନତୀ ପାଇଁ ଶିକ୍ଷକ ସଂଘର ସହଯୋଗ କାମନା କରିବା ସହ ସମସ୍ତ ସମସ୍ୟା ସମାଧାନ ପାଇଁ ପୂର୍ଣ୍ଣ ସହଯୋଗ କରିବେ ବୋଲି ବିଇଓ ପ୍ରତିଶ୍ରୁତି ଦେଇଥିଲେ । ମିଳିତ ଶିକ୍ଷକ ସଂଘର ସଭାପତି ରବି ନାରାୟଣ ବେହେରା, ସମ୍ପାଦକ ରଘୁନାଥ ପ୍ରଧାନ, ସହ ସମ୍ପାଦକ ରାମଚନ୍ଦ୍ର ପ୍ରଧାନ, ସହ ସମ୍ପାଦିକା ସନ୍ଧ୍ୟାରାଣୀ ଖାଡଙ୍ଗା, କୋଷାଧକ୍ଷ ଜେ. କୁର୍ମା ରାଓ, ଜନାର୍ଦ୍ଦନ ଶତପଥୀ, କୈଳାଶ ଚନ୍ଦ୍ର ବେହେରା, ହରିରାମ ରାଉଳ, ଅଶୋକ କୁମାର ପଣ୍ଡା, ବବିତା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ସରକାରୀ ପଦାଧିକାରୀଙ୍କୁ ଗ୍ରାମବାସୀଙ୍କ ସମ୍ବର୍ଦ୍ଧନା

**ଗୋପାଳପୁର,୪।୧୦**

ରଙ୍ଗେଇଲୁଣ୍ଡା ବ୍ଲକ ହଳଦିଆପଦର ଗ୍ରାମରେ ମଙ୍ଗଳବାର ସନ୍ଧ୍ୟାରେ ୪ ଜଣ ସରକାରୀ ଅଧିକାରୀଙ୍କୁ ପଞ୍ଚାୟତ ପକ୍ଷରୁ ମାନପତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଗୋପାଳପୁର ବିଧାୟକ ଡ. ପ୍ରଦୀପ କୁମାର ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧକ୍ଷ ଅଜିତ ଦାଶ ମଞ୍ଚାସୀନ ଥିଲେ। ଆୟୋଜିତ ସଭାରେ ହଳଦିଆପଦର ସରପଞ୍ଚ ରାଜେଶ୍ୱରୀ ଦୋରା ଅତିଥି ପରିଚୟ ପ୍ରଦାନ କରିବା ସହ ସଭାପତିତ୍ୱ କରିଥିଲେ। ପରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ କୁମାର ନାଗଭୂଷଣ, ଗୋଳନ୍ଥରା ଥାନାଧିକାରୀ ଡ. ଆଲୋକ କୁମାର ଜେନା, କନିଷ୍ଠି ତହସିଲଦାର ଶରତ ଚନ୍ଦ୍ର ମହାପାତ୍ର ଓ ବିଦ୍ୟୁତ୍ ବିଭାଗର ସହକାରୀ ନିର୍ବାହୀ ଅଧିକାରୀ ବିଶ୍ୱରଞ୍ଜନ ମହାପାତ୍ରଙ୍କୁ ନିଜ କାର୍ଯ୍ୟଦକ୍ଷତା, ନିଷ୍ଠାପର ସେବା ଯୋଗାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବାରୁ ଗ୍ରାମ ପଞ୍ଚାୟତ ତରଫରୁ ସମ୍ମାନିତ କରାଯାଇଥିଲା। ବିଧାୟକଙ୍କୁ ମଧ ଗ୍ରାମବାସୀ ଫୁଲତୋଡ଼ା ଦେଇ ସମ୍ବର୍ଦ୍ଧିତ କରିଥିଲେ। ପରେ ଗ୍ରାମରେ ନୂତନ ଭାବେ ସଂଯୋଗ ହୋଇଥିବା ଷ୍ଟ୍ରିଟ ଲାଇଟକୁ ବିଧାୟକ ଉଦ୍‌ଘାଟନ କରିଥିଲେ। ବିଜେଡିର ମହିଳା ସଭାନେତ୍ରୀ ବିଷ୍ଣୁପ୍ରିୟା ନାୟକ, ମଞ୍ଜୁଶ୍ରୀ ଦଳାଇ, ଶଶୀଭୂଷଣ ମହାନ୍ତି, ଦଣ୍ଡ ପାଣିଗ୍ରାହୀ, ସନ୍ତୋଷ ପ୍ରଧାନ, ଉଦୟନାଥ ସାହୁ, ଏସ୍. ତାରକେଶ୍ୱର, ଏ. ରାମା ରାଓ, ସରପଞ୍ଚ, ସମିତିସଭ୍ୟ ପ୍ରମୁଖ ଉପସ୍ଥିତ ଥିଲେ।


ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ଚାରି ଅଧିକାରୀ।

## ବିଜେଡିର ଜନସମ୍ପର୍କ ଯାତ୍ରା

**ସୋରଡ଼ା,୪।୧୦(ଡି.ଏନ୍.ଏ.)**

ବିଜୁ ଜନତା ଦଳର ଜନସମ୍ପର୍କ ପଦଯାତ୍ରା ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁଙ୍କ ନେତୃତ୍ୱରେ ବୁଧବାର ଆରମ୍ଭ ହୋଇଯାଇଛି। ପ୍ରଥମ ଦଫାରେ ଗୋପାଳପୁର ଶାସନ ପଞ୍ଚାୟତର ବିଭିନ୍ନ ଗ୍ରାମକୁ ପଦଯାତ୍ରା ଯାଇଥିଲା। ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାର ପ୍ରଚାର କରାଯାଇଥିଲା। ଏଥିରେ ମନୁ ବିଶ୍ୱାସରାୟ, ବାଇଧର ସ୍ୱାଇଁ, କାଦୁ ବେହେରା, ବାଳକୃଷ୍ଣଟ ଜେନା, ବ୍ଲକ ଉପାଧକ୍ଷ ବିକଳ ବେହେରା ଅଧକ୍ଷା ସାଇବାଣି ମଲିକ, ନିରଞ୍ଜନ ପାଣିଗ୍ରାହୀ ସମେତ ବହୁ ସମର୍ଥକ ଯୋଗ ଦେଇଥିଲେ। ବ୍ଲକର ସମସ୍ତ ଗ୍ରାମ ପଞ୍ଚାୟତରରେ ଏହି ପଦଯାତ୍ରା ଭ୍ରମଣ କରିବ ବୋଲି ଜଣାପଡ଼ିଛି।

### ସାହାରା ଇଣ୍ଡିଆ ଜମାରାଶି ଫେରସ୍ତ ଦାବି

# କ୍ଷେତ୍ରୀୟ କାର୍ଯ୍ୟକର୍ତ୍ତାଙ୍କ ଧାରଣା

**ବୁଗୁଡ଼ା,୪।୧୦(ଡି.ଏନ.ଏ.)**

ସାହାରା ଇଣ୍ଡିଆରେ ଦୀର୍ଘଦିନ ହେଲା ଥିବା ଜମାରାଶି ଫେରସ୍ତ ଦାବିକରି ବୁଗୁଡ଼ା ସାହାରା ଇଣ୍ଡିଆ କାର୍ଯ୍ୟାଳୟରେ ଗୁରୁବାର ସୁଦ୍ଧା ୪ ଦିନ ହେଲା କ୍ଷେତ୍ରୀୟ କାର୍ଯ୍ୟକର୍ତ୍ତା ଧାରଣା ଦେଇଛନ୍ତି। ଏନେଇ ସେମାନେ ସାହାରା ଇଣ୍ଡିଆ କ୍ଷେତ୍ରୀୟ ପ୍ରବନ୍ଧକଙ୍କ ନିକଟକୁ ଏକ ଅଭିଯୋଗ ପତ୍ର ମଧ ପ୍ରେରଣ କରିଛନ୍ତି। କ୍ଷେତ୍ରୀୟ କାର୍ଯ୍ୟକର୍ତ୍ତାଙ୍କ ଅଭିଯୋଗ ହେଲା ସାହାରା ଇଣ୍ଡିଆ ବୁଗୁଡ଼ା ଶାଖାରେ ଜମାକାରୀଙ୍କ ଜମାରାଶିର ମିଆଦ ୪ ବର୍ଷରୁ ଊର୍ଦ୍ଧ୍ୱ ସମୟ ଅତିବାହିତ ହୋଇଯାଇଥିଲେ ମଧ ଏଯାଏ ଲୋକଙ୍କ ମ୍ୟାଚୁରିଟି ରାଶି ମିଳି ନାହିଁ। ବାରମ୍ବାର ଜମାକର୍ତ୍ତାମାନେ କାର୍ଯ୍ୟାଳୟକୁ ଆସି ନିରାଶରେ ଫେରୁଛନ୍ତି। ଅପରପକ୍ଷରେ ଆଜକୁ ୪ ମାସ ହେଲା ବୁଗୁଡ଼ା କାର୍ଯ୍ୟାଳୟକୁ ଶାଖା ପରିଚାଳକ ଆସୁନାହାନ୍ତି। ଜମାକାରୀମାନେ ଭଞ୍ଜନଗର ଆଞ୍ଚଳିକ ପ୍ରବନ୍ଧକଙ୍କ ନିକଟକୁ ଯାଇ ଟଙ୍କା ଫେରସ୍ତ ବିଷୟ କହିଲେ ମଧ କିଛି ସୁଫଳ ମିଳୁନାହିଁ ବରଂ ଧମକ ଦିଆଯାଉଛି ।

# ଟ୍ରେନ୍‌ରେ କଟି ଯୁବକ ମୃତ

**ଖଲ୍ଲିକୋଟ,୪।୧୦(ଡି.ଏନ୍.ଏ.)**

ଖଲ୍ଲିକୋଟ ରେଳଷ୍ଟେସନ ନିକଟ ରେଳଧାରଣାରେ ଗୁରୁବାର ରାତିରେ ଜଣେ ଯୁବକଙ୍କ ଖଣ୍ଡବିଖଣ୍ଡିତ ମୃତଦେହ ପଡିଥିବା ଦେଖିବାକୁ ମିଳିଛି। ଯୁବକ ଜଣକ ଖଲ୍ଲିକୋଟ ବ୍ଲକ ଶାସନଗୁରୁଣ୍ଡି ଗ୍ରାମର ସୁନିଲ ରାଉଳ (୩୦) ବୋଲି ଜଣାପଡିଛି। ସେ ପକ୍ଷାଘାତ ରୋଗରେ ଆକ୍ରାନ୍ତ ଥିଲେ। ଟ୍ରେନ୍‌ରେ କଟି ମୃତ୍ୟୁବରଣ କରିଥିବା ଅନୁମାନ କରାଯାଉଛି।

# ଖାଦ୍ୟ ସୁରକ୍ଷା ଯୋଜନା କାର୍ଡ ବଣ୍ଟନ

**ବେଗୁନିଆପଡ଼ା,୪।୧୦(ଡି.ଏନ.ଏ.)**

ଓଡ଼ିଶା ସରକାରଙ୍କ ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନାରେ ବୁଧବାର ବେଗୁନିଆପଡ଼ା ବ୍ଲକର ହିତାଧିକାରୀଙ୍କୁ କାର୍ଡ ବଣ୍ଟନ କରାଯାଇଛି। ଏହି ଯୋଜନାରେ ଅନ୍ତର୍ଭୁକ୍ତ ହେବା ପାଇଁ ୮ହଜାର ୪୦୫ ପରିବାର ଆବେଦନ କରିଥିଲେ। ତଦନ୍ତ ପରେ ୪ହଜାର ୮ଶହ ପରିବାର ଯୋଗ୍ୟ ବିବେଚିତ ହୋଇଥିଲେ। ଏଥିମଧ୍ୟରୁ ବୁଧବାର ପ୍ରଥମ ପର୍ଯ୍ୟାୟରେ ୨ହଜାର ୩୩୮ ପରିବାରକୁ କାର୍ଡ ପ୍ରଦାନ କରାଯାଇଛି। ଏନେଇ ବେଗୁନିଆପଡ଼ା ବ୍ଲକ ପରିସରରେ ଆୟୋଜିତ ଏକ ସଭାରେ ବ୍ଲକ ଅଧକ୍ଷା କେ. ରାଜଲକ୍ଷ୍ମୀ ଦୋରା, ଗଞ୍ଜାମ ଜିଲା ପରିଷଦ ଉପାଧକ୍ଷା ସ୍ନେହଲତା ପଣ୍ଡା, ବିଡିଓ ପ୍ରଦୀପ କୁମାର ପଣ୍ଡା, ଜିଲା ପରିଷଦ ସଦସ୍ୟ ପ୍ରଫୁଲ୍ଲ ଚନ୍ଦ୍ର ତିଆଡ଼ି, ମନୋଜ କୁମାର ପାଣ୍ଡି, ଗୀତାଞ୍ଜଳି ଭୂୟାଁ, ଉପାଧକ୍ଷ ଭ୍ରମରବର ଭୂୟାଁ, ବ୍ଲକ ବିଜେଡି ସଭାପତି ବିଜୟ କୁମାର ଦୋରା, ଯୋଗାଣ ଅଧିକାରୀ ପୁରନ୍ଦୟ ସାହୁ ଯୋଗଦେଇ ହିତାଧିକାରୀଙ୍କୁ କାର୍ଡ ବଣ୍ଟନ କରିଥିଲେ।



କାର୍ଡ ବଣ୍ଟନ କରାଯାଉଛି।

# କୃଷି କଲ୍ୟାଣ ଅଭିଯାନର ଦ୍ୱିତୀୟ ପର୍ଯ୍ୟାୟ ଉଦ୍‌ଘାଟନ

**ଆର.ଉଦୟଗିରି, ୪।୧୦(ଡି.ଏନ.ଏ.)**

ରା.ଉଦୟଗିରିସ୍ଥିତ କୃଷି ବିଜ୍ଞାନ କେନ୍ଦ୍ର ଗଜପତିଠାରେ କୃଷି କଲ୍ୟାଣ ଅଭିଯାନର ଦ୍ୱିତୀୟ ପର୍ଯ୍ୟାୟ ତଥା ସ୍ୱଚ୍ଛତା ଦିବସ ପାଳିତ ହୋଇଯାଇଛି । ଏଥିରେ ଆର.ଉଦୟଗିରି ବ୍ଲକର ବିଡିଓ ପ୍ରଦୀପ କୁମାର ନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡ. ସଂଗ୍ରାମ ପରମଗୁରୁ, ମହେନ୍ଦ୍ରତନୟା କନିଷ୍ଠ ମହାବିଦ୍ୟାଳୟର ଅଧକ୍ଷା ଭାରତୀ ମିଶ୍ର, ସୁଣ୍ଡୁରୁମା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିରଞ୍ଚି ନାରାୟଣ ଧଳ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଛେଳିଗଡ଼ର ପ୍ରଧାନ ଶିକ୍ଷକ ରାଜୀବ କୁମାର ରଇତ, ସୁଣ୍ଡୁରବା ସରକାରୀ ଆଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁରେଶ କୁମାର ସାହୁକାର, ଆର.ଉଦୟଗିରି ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ସରୋଜ କୁମାର ସିଂ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ସ୍ୱଚ୍ଛତା ପକ୍ଷ ପାଳନ, ସ୍ୱଚ୍ଛତା ବିଷୟରେ ସଚେତନତା ତଥା ଭାରତ ସରକାରଙ୍କ ଦ୍ୱାରା ଅକ୍ଟୋବର ୨ ରୁ ଡିସେମ୍ବର ୨୫ ମଧରେ ହେବାକୁ ଥିବା କୃଷି କଲ୍ୟାଣ ଅଭିଯାନର ଦ୍ୱିତୀୟ ପର୍ଯ୍ୟାୟର ଶୁଭାରମ୍ଭ କରାଯାଇଥିଲା । ଗଜପତି ଜିଲାର ୨୫ଟି ବଛା ଯାଇଥିବା ଗ୍ରାମ ଗୁଡ଼ିକରେ ହେବାକୁ ଥିବା ଯୋଜନା ଏବଂ ଏହି କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ କାର୍ଯକାରୀ ବିଷୟରେ ଡ. ସଂଗ୍ରାମ ପରମଗୁରୁ ଆଲୋକପାତ କରିଥିଲେ । ରା.ଉଦୟଗିରି ବ୍ଲକର ବିଭିନ୍ନ ବିଦ୍ୟାଳୟଗୁଡ଼ିକରେ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରବନ୍ଧ, ବକ୍ତୃତା ତଥା ଚିତ୍ରାଙ୍କନ ପ୍ରତିଯୋଗିତାର ବିଜୟୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। କୃଷି ବିଜ୍ଞାନ କେନ୍ଦ୍ରର କମ୍ପ୍ୟୁଟର ପ୍ରୋଗ୍ରାମର ମନୋଜ କୁମାର ସାହୁ, କୃଷି ବୈଜ୍ଞାନିକ ରଶ୍ମିତା ଟପ୍ପୋ, କ୍ଷେତ୍ର ବିଜ୍ଞାନୀ ସଞ୍ଜିବ ମାଣ୍ଡି ଓ ବନାନୀ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।



ଉପସ୍ଥିତ ଅତିଥିବୃନ୍ଦ।

# ଫେରାର ବିଚାରାଧୀନ ବନ୍ଦୀ ପୁଣି ଜେଲକୁ ଫେରିଲେ

କୋଦଳା,୪।୧୦

ଗଞ୍ଜାମ ଜିଲା କୋଦଳା ସବ୍ -ଜେଲରୁ ଗତ ୨୭ ତାରିଖ ପୂର୍ବାହ୍ନ ପ୍ରାୟ ୧୧ଟାରେ ଏକ ଡକାୟତି ମାମଲାରେ ଗିରଫ ହୋଇ ଜେଲରେ ଥିବା କବିସୂର୍ଯ୍ୟନଗର ଥାନା ହଣ୍ଡଲା ଗ୍ରାମର ସନ୍ତୋଷ କୁମାର ବେହେରା (୨୭) ନାମକ ଜଣେ ବିଚାରାଧୀନ ବନ୍ଦୀ ଗାର୍ଡଙ୍କୁ ଧକ୍କା ଦେଇ ଚମ୍ପଟ ମାରିଥିଲେ। ବୁଧବାର ସନ୍ଧ୍ୟାରେ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ସନ୍ତୋଷ ଜେଲରୁ ଫେରାର ପରେ ଜେଲ ପକ୍ଷରୁ କୋଦଳା ଥାନାରେ ଏତଲା ଦିଆଯାଇଥିଲା। ଏନେଇ ନଂ.୨୧୬/୧୮ରେ ଏକ ମାମଲା ରୁଜୁ କରି ପୋଲିସ ୨୮ ତାରିଖ ରାତିରେ ବଡରାମପଲ୍ଲୀ କାଜୁ ଜଙ୍ଗଲରୁ ସନ୍ତୋଷଙ୍କୁ ଗିରଫ କରିଥିଲା। ୨୯ ତାରିଖ ପୂର୍ବାହ୍ନରେ କୋର୍ଟ ଚାଲାଣ କରିବାକୁ ପ୍ରସ୍ତୁତ ହେଉଥିବାବେଳେ ସନ୍ତୋଷ ଶୌଚ ଯିବାକୁ କହି ଥାନା ଶୌଚାଳୟ ଭିତରେ ପିନ୍ଧିଥିବା ଗାମୁଛାରେ ଭେଣ୍ଟିଲେସନ ଝରକା ରଡ୍‌ରେ ଫାଶି ଲଗାଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। କାର୍ଯ୍ୟରତ କର୍ମଚାରୀ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବ୍ରହ୍ମପୁର ବଡମେଡିକାଲକୁ ନେଇଥିଲେ। ସୁସ୍ଥହେବାପରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ସୂଚନା ଦେଇଛନ୍ତି।

# ଜୋରଧରିଲା ନିଶା ନିବାରଣ ଆନ୍ଦୋଳନ

ଡୁମୁଡିବନ୍ଧ,୪।୧୦(ଡି.ଏନ.ଏ.)

ଡୁମୁଡିବନ୍ଧରେ ଜାଗୃତି ମହିଳା ମହାସଂଘ ମୁଣ୍ଡିଗଡ ପକ୍ଷରୁ ମଦବିରୋଧି ଶୋଭାଯାତ୍ରା କରାଯାଇଛି। ମୁଣ୍ଡିଗଡ ପଞ୍ଚାୟତର ୧୩ଟି ୱାର୍ଡର ପ୍ରାୟ ୩ହଜାରରୁ ଉର୍ଦ୍ଧ୍ୱ ମହିଳା ଏଥିରେ ସାମିଲ ହୋଇଥିଲେ। ମୁଣ୍ଡିଗତ ଜାଗୃତି ମହିଳା ମହାସଂଘ ପକ୍ଷରୁ ଡୁମୁଡିବନ୍ଧ ମେଡିକାଲ ଛକ ଠାରୁ ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ଏକ ସଚେତନତା ଶୋଭାଯାତ୍ରା କରାଯାଇ ଦେଶି ଓ ବିଦେଶି ମଦ ବିକ୍ରୟକୁ ବନ୍ଦ କରିବାକୁ ନାରାବାଜି ଦିଆଯାଇଥିଲା। ସରକାର ପ୍ରତି ଗାଁରେ ମଦଦୋକାନ ଖୋଲିବା ନିଷ୍ପତ୍ତିକୁ ବିରୋଧ କରାଯାଇଥିଲା। ଏହାପରେ ସେମାନେ ଏକ ଲିଖିତ ସ୍ମାରକପତ୍ର ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଡୁମୁଡିବନ୍ଧ ଗୋଷ୍ଠି ଉନ୍ନୟନ ଅଧିକାରୀଙ୍କ ଜରିଆରେ ପ୍ରଦାନ କରିଛନ୍ତି। ଦାବି ପୁରଣ ନହେଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି କହିଛନ୍ତି। ଏହି ଶୋଭାଯାତ୍ରରେ ଝିଲି ଦଳପତି, ମାମି ମଣ୍ଡଳ, ପ୍ରିୟମ୍ବଦା ଧରୁଆ, ଗାୟତ୍ରୀ ପାତ୍ର, ପୁଷ୍ପାଞ୍ଜଳୀ ପାତ୍ର, ଜ୍ୟୋସ୍ନାମୟୀ ପାତ୍ର ଓ କଇଁତା ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

# ଛାତ୍ରୀଙ୍କୁ ଧମକ ଅଭିଯୋଗରେ ୨ ଗିରଫ

ଗୋପାଳପୁର,୪।୧୦

ଆବାସିକ ବିଦ୍ୟାଳୟରେ ପଶି ଛାତ୍ରୀମାନଙ୍କୁ ଧମକ ଦେବା ଓ ଟଣାଓଟରା କରିବା ଅଭିଯୋଗରେ ଗୋଳନ୍ଥରା ପୋଲିସ ୨ଜଣଙ୍କୁ ଗୁରୁବାର ଗିରଫ କରି କୋର୍ଟଚାଲାଣ କରିଥିବା ଜଣାପଡ଼ିଛି। ସେମାନେ ହେଲେ କଙ୍କିଆ ଗ୍ରାମର ଅନିଲ ଦାଶ ଓ ଦୁଃଖିଶ୍ୟାମ ଦାଶ। ବୁଧବାର ରାତିରେ ଅନିଲ ଓ ଦୁଃଖିଶ୍ୟାମ ପାଚେରି ଭାଙ୍ଗି ପଶି ଆବାସରେ ଥିବା ଛାତ୍ରୀମାନଙ୍କୁ ଗାଳିଗୁଲଜ ଓ ଟଣାଓଟରା କରି ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ଏନେଇ ବିଦ୍ୟାଳୟର ଅଧକ୍ଷଙ୍କ ଅଭିଯୋଗକ୍ରମେ ନଂ.୧୮୧/୧୮ରେ ମାମଲା ରୁଜୁ କରି ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଥିବା ଗୋଳନ୍ଥରା ଥାନାଧିକାରୀ ଡ଼. ଆଲୋକ କୁମାର ଜେନା କହିଛନ୍ତି।




